| 32 | 04/22/2022 | "ଆଦିବାସୀ ମେଳା" ହେଉଛି ଜନଜାତି କଳା ଓ ସଂସ୍କୃତିର ଅନନ୍ୟ ପ୍ରତିଫଳନ। ଭୁବନେଶ୍ୱରସ୍ଥିତ  ପ୍ରଦର୍ଶନୀ ପଡ଼ିଆରେ ଆଜିଠାରୁ  ଆଦିବାସୀ ମେଳା ଓ ଜାତୀୟ ଜନଜାତି କଳାସାମଗ୍ରୀ ପ୍ରଦର୍ଶନୀ ଆରମ୍ଭ ହେଉଥିବା ବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଏହାର ଶୁଭାରମ୍ଭ କରିବାକୁ ଯାଉଛନ୍ତି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ.ଅଚ୍ୟୁତ ସାମନ୍ତ ଉଲ୍ଲେଖ କରିଛନ୍ତି ଯେ, ଜନଜାତି ସମୁଦାୟଙ୍କ କଲ୍ୟାଣ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ବହୁବିଧ କଲ୍ୟାଣକାରୀ ପଦକ୍ଷେପ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି। ଆଦିବାସୀଙ୍କ ହିତ ସାଧନ ଉଦ୍ଦେଶ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନୀତି ସମଗ୍ର ଦେଶ ପାଇଁ ଉଦାହରଣ ସାଜିଛି।<br><br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02drf13CY2nNbkE37fC9rdcMu7FTjBj6SfBNRtoAfVGMFo7z2WuTT47MQfT2okx2wbl |
| 33 | 04/23/2022 | କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଦଶପଲ୍ଲାଠାରେ ଆୟୋଜିତ "କୁଆଁରିଆ ମହୋତ୍ସବ"ରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ରୂପେ ଯୋଗଦେଇଛନ୍ତି। ସଂସ୍କୃତିସମ୍ପନ୍ନ ଦଶପଲ୍ଲା ମାଟିର ଗୌରବମୟ ଇତିହାସ ରହିଛି। "କୁଆଁରିଆ ମହୋତ୍ସବ" ମାଧ୍ୟମରେ  ମାଟିର କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ଦିଗରେ ପ୍ରୟାସ ପ୍ରଶଂସନୀୟ ବୋଲି ଏହି ଅବସରରେ ଉଲ୍ଲେଖ କରିଛନ୍ତି ମାନ୍ୟବର ସାଂସଦ ଡ. ସାମନ୍ତ। ଏଥିସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶକୁ ପାଥେୟ କରି ତାଙ୍କରି ବଳିଷ୍ଠ ନେତୃତ୍ୱ ତଥା ଦିଗଦର୍ଶନରେ କନ୍ଧମାଳ ସଂସଦୀୟ କ୍ଷେତ୍ର ତଥା ଦଶପଲ୍ଲା ଅଞ୍ଚଳର ବିକାଶ ପାଇଁ ଆଗାମୀ ଦିନରେ ମଧ୍ୟ ପ୍ରୟାସ ଜାରି ରହିବ ବୋଲି ଉଲ୍ଲେଖ କରିଛନ୍ତି ମାନ୍ୟବର ସାଂସଦ ଡ. ସାମନ୍ତ। ଏହି ଅବସରରେ ମାନ୍ୟବର ଦଶପଲ୍ଲା ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ନିର୍ବାଚିତ ଜନପ୍ରତିନିଧି, ବୁଦ୍ଧିଜୀବୀ ତଥା ଦଶପଲ୍ଲା ଅଞ୍ଚଳର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ।<br>#SamantaForKandhamal | https://www.facebook.com/OfficeOfAchyutaSamanta/posts/pfbid0DHgbg1errEjRsvJRSvJia83iyE5xCqywcBnT8XreDeABf7EN6MAbis4kPT99F1FTl |
| 34 | 04/24/2022 | "ଆଦିବାସୀ ମେଳା ଏବେ କେବଳ ଏକ ମେଳା ହୋଇ ରହିନାହିଁ, ଏହା ଆଦିବାସୀ ସଂସ୍କୃତିକୁ ଭଲ ପାଇବାର ଓ ଅନୁଭବ କରିବାର ମହାନ ପରମ୍ପରାରେ ପରିଣତ ହୋଇଛି।"<br><br>ଦଶନ୍ଧି ଦଶନ୍ଧି ଧରି "ଆଦିବାସୀ ମେଳା" ଓଡ଼ିଶାର ଅଗଣିତ ଜନସାଧାରଣଙ୍କ ହୃଦୟକୁ ସ୍ୱର୍ଶ କରିପାରିଥିବା ବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଚଳିତ ବର୍ଷର ମେଳା ଉଦଘାଟନ କରିବା ଅବସରରେ ଏହା ଉଲ୍ଲେଖ କରିଛନ୍ତି। ଏଥିସହ ମନ୍ୟବର ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି ଯେ,ଏହି ମେଳା ଆଗାମୀ ଦିନରେ ଜନଜାତି ଭାଇଭଉଣୀଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିକୁ ଆହୁରି ସୁଦୃଢ଼ କରିବ।<br><br>ରାଜ୍ୟର ଜନଜାତି ସମୁଦାୟଙ୍କ କଲ୍ୟାଣ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅତୁଳନୀୟ ପ୍ରତିବଦ୍ଧତା ନିମନ୍ତେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିନମ୍ର କୃତଜ୍ଞତା ଜଣାଇଛନ୍ତି।<br><br>CMO Odisha | https://www.facebook.com/OfficeOfAchyutaSamanta/posts/pfbid037VCrK9WugHwfUZmN6wjzVo1jCRmQF2X4uCaGjVrEqCTAHxHAU4fyKqfsavgeMX8Sl |

| | | | |
|---|---|---|---|
| 35 | 04/25/2022 | ଜନସାଧାରଣଙ୍କୁ ଉନ୍ନତ ମାନର ସେବା ପ୍ରଦାନ ଲକ୍ଷ୍ୟରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ନବନିର୍ବାଚିତ ମେୟର ଓ ପୌରାଧ୍ୟକ୍ଷମାନଙ୍କ ପାଇଁ 'ପୌର ଶାସନ ପ୍ରଣାଳୀ ଏବଂ ଉନ୍ନୟନ ପଦ୍ଧତି' ଶୀର୍ଷକ କର୍ମଶାଳା ଉଦଘାଟନ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik । ନିଜ ସହରକୁ ଶ୍ରେଷ୍ଠ ଭାବେ ଗଢି ତୋଳିବା ପାଇଁ ନିଷ୍ଠାର ସହ କାମ କରିବାକୁ ଏହି ଅବସରରେ ପରାମର୍ଶ ଦେବା ସହ ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି।<br><br>"ସ୍ୱଚ୍ଛତା ଓ ବର୍ଜ୍ୟ ବସ୍ତୁ ପରିଚାଳନା" ଉପରେ ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଆହ୍ୱାନ କରିବା ସହ ସହରାଞ୍ଚଳ ବିକାଶରେ ଆସିଥିବା ରୂପାନ୍ତରଣରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବା #5T କାର୍ଯ୍ୟକ୍ରମକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଛନ୍ତି।<br><br>ଏଥିସହ ଚଳିତ ପୌର ନିର୍ବାଚନରେ ମା'ମାନେ ବହୁ ସଂଖ୍ୟାରେ ଭାଗ ନେଇ ବିଜୟୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିବା ସହ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭଲ କାମ କରି ସାଧାରଣ ଲୋକଙ୍କ ଆସ୍ଥା ବଜାୟ ରଖିବାକୁ ପରାମର୍ଶ ଦେବାସହ ନୂଆ ନେତୃତ୍ୱ ଓ ନୂଆ ପରିଚାଳନା କୌଶଳ ପୌର ସେବାକୁ ନୂତନ ଶିଖରରେ ପହଞ୍ଚାଇବାରେ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପ୍ରକାଶ କରିଛନ୍ତି।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ନବନିର୍ବାଚିତ ଜନ ପ୍ରତିନିଧି ମାନଙ୍କ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବହୁମୂଲ୍ୟ ପରାମର୍ଶ ପୌର ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ।<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02HMaP4YythL5FsBr1v32i3Hc6X5AzQHDXFnhCzDM3jYn7kmEzdo5Ys3akp22hbc4Al |
| 36 | 04/27/2022 | In the first meeting of the '#Transformational Initiatives' series Hon'ble CM Shri Naveen Patnaik highly commended the steps taken by the Dept of Water Resources for successful completion of long-term projects in irrigation sector under #5T charter while suggesting that implementation of various schemes should be accomplished by other Departments through effective use of technology.<br><br>Hon'ble MP Dr. Achyuta Samanta applauds such transformational measures adapting #5T initiatives of the Odisha Govt under the illustrious leadership of Hon'ble CM Shri Naveen Patnaik.<br><br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02S1iyCRFdLZVrzFbwcX7X2Bh4DeLGQr8f4AX5mvD4w6TqbxeZY14HB6viDEwShiVhl |
| 37 | 04/27/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କ ବିଶ୍ୱସ୍ତରୀୟ ବିପର୍ଯ୍ୟୟ ପରିଚାଳନା ତଥା ଦକ୍ଷ ନୀତି ଯୋଗୁଁ ବିପର୍ଯ୍ୟୟ ସହାୟତା ମନିଟରିଂ ଏବଂ ପେମେଣ୍ଟ ସିଷ୍ଟମ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ କମ୍ପ୍ୟୁଟର ସୋସାଇଟି ଅଫ ଇଣ୍ଡିଆର ୧୯ ତମ ସିଏସଆଇ-ଏସଆଇଜିର ଗଭର୍ଣ୍ଣାନ୍ସ ଆୱାର୍ଡ ଉତ୍ସବରେ ଓଡ଼ିଶା ପୁରସ୍କୃତ ହୋଇଛି।<br><br>ରାଜ୍ୟ ପୁନର୍ବାର ଜାତୀୟସ୍ତରରେ ସମ୍ମାନିତ ହୋଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିନମ୍ର ସାଧୁବାଦ ଜଣାଇଛନ୍ତି ମାନ୍ୟବର ସାଂସଦ ଡ.ଅଚ୍ୟୁତ ସାମନ୍ତ। | https://www.facebook.com/OfficeOfAchyutaSamanta/posts/pfbid02rmwq2U8eVCAdWhkjDC6Jf3SY9jiwHxYZ7buYQnjJtuSXDS4GQd4yTShH1g2K6Mbol |

| | | | |
|---|---|---|---|
| | | #OdishaLeads<br>CMO Odisha | |
| 38 | 04/28/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ରାଜ୍ୟର ବିଭିନ୍ନ ଧାର୍ମିକ ପ୍ରାଣକେନ୍ଦ୍ରର ବିକାଶ ପ୍ରତି ସର୍ବଦା ଅଗ୍ରାଧିକାର ପ୍ରଦାନ କରିଆସିଛନ୍ତି। କଣ୍ଟିଲୋ ନୀଳମାଧବ ପୀଠର ପାରିପାର୍ଶ୍ବିକ ବିକାଶ ପାଇଁ ପ୍ରସ୍ତୁତ ମାଷ୍ଟର ପ୍ଲାନକୁ ଅନୁମୋଦନ କରିଛନ୍ତି। ଏଥିପାଇଁ ୧୮ ମାସ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ₹୧୦୦ କୋଟିର ବ୍ୟୟ ଅଟକଳ କରାଯାଇଛି।<br><br>ପ୍ରକଳ୍ପରେ ମନ୍ଦିରର ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ସହ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ବିଭିନ୍ନ ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଏହା ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ। ଏହାର ସଫଳ କାର୍ଯ୍ୟକାରିତା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର  ଧାର୍ମିକ ପ୍ରାଣକେନ୍ଦ୍ର ଗୁଡ଼ିକର ବିକାଶ ପ୍ରତି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ଅତୁଳନୀୟ।<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02V7NhuontWPMa6RLte592BB55JzGQo8pJ89oj2DdjNuchn6FjTAEAUEKw7UqbXNYpl |
| 39 | 04/29/2022 | ଉତ୍କଳ ଜନନୀର ସୁଯୋଗ୍ୟ ସନ୍ତାନ ତଥା ଯଶସ୍ବୀ ସାରସ୍ବତ ସାଧକ ସ୍ବର୍ଗତ ମନୋଜ ଦାସଙ୍କ ସ୍ମୃତିରେ ପ୍ରଦାନ କରାଯାଉଥିବା 'ମନୋଜ ଦାସ ଅନ୍ତର୍ଜାତୀୟ ସାହିତ୍ୟ ପୁରସ୍କାର' ନିୟମାବଳୀରେ ପରିବର୍ତ୍ତନ କରାଯାଇଛି। ନୂତନ ନିଷ୍ପତ୍ତି ଅନୁଯାୟୀ ଇଂରାଜୀ ଭାଷାରେ ସୃଜନାତ୍ମକ ସାହିତ୍ୟ ସୃଷ୍ଟି କରୁଥିବା ଭାରତୀୟ ସାହିତ୍ୟିକମାନଙ୍କୁ ₹୧୦ ଲକ୍ଷ ପୁରସ୍କାର ପ୍ରଦାନ କରାଯିବ।<br><br>ଏଥିସହ ଉଭୟ ଇଂରାଜୀ ଏବଂ ଓଡ଼ିଆ ଗଳ୍ପ ବିଭାଗରେ ରାଜ୍ୟସ୍ତରରେ ୧ମ ବିବେଚିତ ଛାତ୍ରଛାତ୍ରୀଙ୍କୁ ₹୩୦,୦୦୦, ୨ୟ ବିବେଚିତ ଛାତ୍ରଛାତ୍ରୀଙ୍କୁ ₹୨୦,୦୦୦ ଏବଂ ୩ୟ ବିବେଚିତ ଛାତ୍ରଛାତ୍ରୀଙ୍କୁ ₹୧୦,୦୦୦ ର ଆର୍ଥିକ ପୁରସ୍କାର ଦିଆଯିବ। ଏଥିସହ ମନୋଜ ଦାସଙ୍କ ପୁସ୍ତକ, ତୈଳଚିତ୍ର, ଅଙ୍ଗବସ୍ତ୍ର ଓ ତାମ୍ରଫଳକ ପ୍ରଦାନ କରାଯିବ।<br><br>ପ୍ରଥମ ସ୍ଥାନ ପାଇଁ ପ୍ରତ୍ୟେକ ବିଭାଗରେ ଜଣଙ୍କୁ, ଦ୍ବିତୀୟ ସ୍ଥାନ ପାଇଁ ପ୍ରତ୍ୟେକ ବିଭାଗରେ ଦୁଇ ଜଣଙ୍କୁ ଓ ତୃତୀୟ ସ୍ଥାନ ପାଇଁ ପ୍ରତ୍ୟେକ ବିଭାଗରେ ତିନି ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏଥି ନିମନ୍ତେ ପ୍ରତିବର୍ଷ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।<br><br>ଏଥି ସହିତ ସ୍ବର୍ଗତ ମନୋଜ ଦାସଙ୍କ ଜନ୍ମସ୍ଥାନ ବାଲେଶ୍ବରର ଶଙ୍ଖାରୀ ଗ୍ରାମରେ 'ମନ୍ମଥ-ମନୋଜ ସ୍ମାରକୀ' ନିର୍ମାଣ, ପାଠାଗାର ଓ ବାସଭବନ ପରିସରରେ ଥିବା ମନ୍ଦିରର ସଂରକ୍ଷଣ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଏନେଇ ଆବଶ୍ୟକ ପୈତୃକ ଜମି ଓ ଘର ହସ୍ତାନ୍ତର ପ୍ରକ୍ରିୟାକୁ ଖୁବଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ନିର୍ଦ୍ଦେଶ ଦେଇଛନ୍ତି।<br><br>ମହାନ ସାରସ୍ୱତ ତଥା ଆଧ୍ୟାତ୍ମିକ ସାଧକ  ସ୍ବର୍ଗତ ମନୋଜ ଦାସଙ୍କ ଅମ୍ଳାନ  ସ୍ମୃତିକୁ ସମ୍ମାନ ଜଣାଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନରେ ଏହିଭଳି ଏକ ଅନନ୍ୟ | https://www.facebook.com/OfficeOfAchyutaSamanta/posts/pfbid0227dTCvWxdcjex4n1kLvizHzNc5s9BpX5vjR9CSytZ9SBSsCJwuCoPk12ifeuY26tl |

| | | | |
|---|---|---|---|
| | | ପ୍ରୟାସ ପାଇଁ ମାନ୍ୟବର ସାଂସଦ ଡ.ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିନମ୍ର କୃତଜ୍ଞତା ଜଣାଇଛନ୍ତି। CMO Odisha | |
| 40 | 04/29/2022 | ମାନବିକତାର ନିଦର୍ଶନ ସ୍ବରୂପ ଜନୈକ ଅସହାୟଙ୍କ ଦେହାନ୍ତ ପରେ ତାଙ୍କ ପାର୍ଥିବ ଶରୀରକୁ ଯଥୋଚିତ ସମ୍ମାନ ଜଣାଇ ଅନ୍ତିମ ସଂସ୍କାରର ଦାୟିତ୍ୱ ନିର୍ବାହ କରିଛନ୍ତି କୋଟଗଡ଼ରେ କାର୍ଯ୍ୟରତ ସାଂସଦ ପ୍ରତିନିଧି ଶ୍ରୀ ମନୋଜ ସାବତ ଏବଂ ତାଙ୍କରି ସହଯୋଗୀଗଣ।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ସାଂସଦ ପ୍ରତିନିଧି ଶ୍ରୀ ସାବତ ତଥା ତାଙ୍କ ସହଯୋଗୀ ମାନଙ୍କୁ ଆନ୍ତରିକ ସାଧୁବାଦ ଜଣାଇବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କ ଆଦର୍ଶକୁ ପାଥେୟ କରି ବିଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ବିଜୁ ଜନତା ଦଳ ପରିବାରର ପ୍ରତ୍ୟେକ ସଦସ୍ୟ ସମାଜର ଶେଷ ଧାଡ଼ିରେ ଥିବା ବଞ୍ଚିତ ତଥା ଅସହାୟଙ୍କ ନିକଟରେ ପହଞ୍ଚିବା ପାଇଁ ସର୍ବଦା  ପ୍ରୟାସରତ। | https://www.facebook.com/OfficeOfAchyutaSamanta/posts/pfbid0bqFozZ6UDYU97y5GeEcFWHyeVfYebrj2444JUzXUwt6Pm1unaZfgfmqRmXga2ysHl |
| 41 | 04/29/2022 | "ମଧୁବାବୁ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ। ତାଙ୍କ ଜୀବନୀ ହେଉଛି ଓଡ଼ିଆ ସ୍ୱାଭିମାନର ଗୌରବମୟ ଗାଥା।" ମଧୁବାବୁଙ୍କ ଜୟନ୍ତୀରେ ସତ୍ୟଭାମାପୁରରେ 'ଉତ୍କଳ ଗୌରବ ମଧୁସୂଦନ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ର'ର ଲୋକାର୍ପଣ କରିବା ଅବସରରେ ଏହା ଉଲ୍ଲେଖ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik। ଏହି ସଂଗ୍ରହାଳୟ ସମସ୍ତଙ୍କୁ ବିଶେଷ କରି ଯୁବପିଢିଙ୍କୁ ଓଡ଼ିଆ ସ୍ବାଭିମାନର ସୁରକ୍ଷା ପାଇଁ ପ୍ରେରଣା ଯୋଗାଇବ ବୋଲି ଅଭିହିତ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ।<br><br>ଏଥିସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଆହ୍ବାନ କରିଛନ୍ତି  ଯେ,"ଓଡ଼ିଆ ଜାତି ପାଇଁ ମଧୁବାବୁ ତାଙ୍କର ସବୁ କିଛି ତ୍ୟାଗ କରିଯାଇଛନ୍ତି। ତାଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ସବୁ ଓଡ଼ିଆଙ୍କ ପାଇଁ ଏକ ତୀର୍ଥ କ୍ଷେତ୍ର। ଏହାକୁ ଆଦର୍ଶ ଗ୍ରାମ ଭାବେ ଗଢି ପର୍ଯ୍ୟଟନସ୍ଥଳରେ ପରିଣତ କରିବାକୁ ପ୍ରୟାସ ଜାରି ରହିଛି। ଆସନ୍ତୁ, ମଧୁବାବୁଙ୍କ ଆଦର୍ଶରେ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ କରିବା ପାଇଁ ମିଳିମିଶି ଆଗକୁ ବଢିବା।"<br><br>ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକୁ ସମ୍ମାନ ଜଣାଇ ଏହି ପରିପ୍ରେକ୍ଷୀରେ ପ୍ରକାଶ କରିଛନ୍ତି ଯେ,  ବିଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ଉତ୍କଳ ଜନନୀର ବରପୁତ୍ର ମାନଙ୍କ ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ସହ ସେମାନଙ୍କ ସ୍ମୃତି ତଥା ଏ ଜାତି ପ୍ରତି ସେମାନଙ୍କ ଅନନ୍ୟ ଅବଦାନର ଗାଥାକୁ ଉଜ୍ଜୀବିତ ରଖିବା ପାଇଁ ଭାବେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା  ଅତୁଳନୀୟ। CMO Odisha | https://www.facebook.com/OfficeOfAchyutaSamanta/posts/pfbid02phbacN47GLa6zkmKg8okYUZ7HSnErkYmyyshzbAhaqZbYF1idtLhqfgpUXvfHpdSl |
| 42 | 04/30/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କ ଦ୍ୱାରା ରାଜ୍ୟବାସୀଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇବାକୁ ଆରମ୍ଭ ହୋଇଥିବା #BijuSwasthyaKalyanYojana ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ବର୍ଗଙ୍କ ପାଇଁ ସଞ୍ଜୀବନୀ ସାଜିଥିବା ବେଳେ ଯୋଜନାକୁ ଆହୁରି ଜନାଭିମୁଖି କରିବା ତଥା ଏହାର ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ ଓ ବ୍ୟାପକ କରିବା ନିମନ୍ତେ  ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। | https://www.facebook.com/photo.php?fbid=529269231908530&set=a.525960498906070&type=3 |

| | | | |
|---|---|---|---|
| | | ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ.ଅଚ୍ୟୁତ ସାମନ୍ତ ଉଲ୍ଲେଖ କରିଛନ୍ତି ଯେ,ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନରେ "ବିଜୁ ସ୍ବାସ୍ଥ୍ୟ କଲ୍ୟାଣ ଯୋଜନା" ସମାଜର ବଞ୍ଚିତ ବର୍ଗଙ୍କ ସ୍ବାସ୍ଥ୍ୟ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛି।<br>CMO Odisha | |
| 43 | 04/30/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କ ପ୍ରେରଣାଦାୟୀ ଦିଗଦର୍ଶନରେ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଯାଇ ରୋଜଗାରର ମାର୍ଗ ପ୍ରଦର୍ଶନ କରିଛି Mission Shakti Odisha। ଦେବଗଡ଼ର 'ହର୍ବାଲ ପିଜି' ଓ କେନ୍ଦୁଝରର 'ମା' ଗୌରୀ' ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନେ ଜଙ୍ଗଲଜାତ ଦ୍ରବ୍ୟରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ସଫଳତାର ରାସ୍ତାରେ ଆଗକୁ ବଢୁଛନ୍ତି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ମହିଳା ସଶକ୍ତିକରଣ କ୍ଷେତ୍ରରେ "ମିଶନ ଶକ୍ତି" ଏକ ଅନନ୍ୟ ସାମାଜିକ ବିପ୍ଲବର ସୂତ୍ରପାତ କରିଛି।<br>#MissionShakti<br>CMO Odisha | https://www.facebook.com/photo.php?fbid=529296091905844&set=a.525960498906070&type=3 |
| 44 | 05/02/22 | ଶ୍ରମିକ ଦିବସ ଅବସରରେ  ଶ୍ରମିକମାନଙ୍କ ହିତକୁ ଦୃଷ୍ଟିରେ ରଖି  ରାଜ୍ୟ ସରକାର ସର୍ବନିମ୍ନ ଦୈନିକ ମଜୁରୀ ବୃଦ୍ଧି କରିଛନ୍ତି। ବର୍ଦ୍ଧିତ ମଜୁରୀ ଅନୁଯାୟୀ ଅଣ କୁଶଳୀ ₹୩୨୬, ଅର୍ଦ୍ଧ କୁଶଳୀ ₹୩୬୬, କୁଶଳୀ ₹୪୧୬ ଏବଂ ଉଚ୍ଚ କୁଶଳୀ ଶ୍ରମିକମାନେ ଦୈନିକ ₹୪୭୬ ସର୍ବନିମ୍ନ ମଜୁରୀ ପାଇବେ।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ.ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଆଦର୍ଶକୁ ପାଥେୟ କରି ସର୍ବଦା ଶ୍ରମିକ ସମାଜ ତଥା ବଞ୍ଚିତ ବର୍ଗଙ୍କ କଲ୍ୟାଣ ପ୍ରତି ବିଶେଷ ପ୍ରାଧାନ୍ୟ ଦେଇଆସିଛନ୍ତି।<br>#OdishaCares<br>#LabourDay | https://www.facebook.com/OfficeOfAchyutaSamanta/posts/pfbid0dzJRsNdKN32weXjbUPSxumm8dXgKVdn6XoR1N6ti6jKi4hz3yztyQrD3hvvMKAWFl |
| 45 | 05/03/22 | ରାଜ୍ୟର ଅଗଣିତ ଅନ୍ନଦାତାଙ୍କ କଲ୍ୟାଣ ପାଇଁ ସର୍ବଦା ଗୁରୁତ୍ୱ ପ୍ରଦାନ କରିଆସିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik । ପବିତ୍ର ଅକ୍ଷୟ ତୃତୀୟା ଅବସରରେ ୪୦ ଲକ୍ଷ ଚାଷୀଙ୍କୁ ୮୦୪ କୋଟିର କୃଷି ସହାୟତା ସହିତ ଓଡ଼ିଶା ପଣସ ମିଶନରେ ୯ ଜିଲ୍ଲାର ଚାଷୀଙ୍କ ପାଇଁ ୯୭ କୋଟିର ପ୍ରୋତ୍ସାହନ ଏବଂ ଓଡ଼ିଶା ମିଶନରେ ୧୮୨ ବ୍ଲକ ଚାଷୀଙ୍କ ପାଇଁ ୨୮୦୮ କୋଟି ବ୍ୟବସ୍ଥା ଭଳି ଏକାଧିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ।<br><br>ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ଏହି ପରିପ୍ରେକ୍ଷୀରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ଅକ୍ଷୟ ତୃତୀୟାର ଶୁଭ ମୁହୂର୍ତ୍ତ ତଥା କୃଷକ ଦିବସ ଅବସରରେ ଚାଷୀଭାଇ ମାନଙ୍କ ପାଇଁ ବିବିଧ କଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ ସ୍ୱାଗତଯୋଗ୍ୟ।<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02Mk9NNyGYivzA6ZLxSR78AqCwdSkXYdRngb2GPoBs4PoAGRZMrV93RDkiiegGMs2nl |
| 46 | 05/03/22 | ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରାଜ୍ୟର ୪୦ ଲକ୍ଷରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ "କାଳିଆ" ଯୋଜନା ମାଧ୍ୟମରେ ୮୦୪ କୋଟିର କୃଷି ସହାୟତା ପ୍ରଦାନ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ  ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଅଭିହିତ କରିଛନ୍ତି ଯେ, ଅନ୍ନଦାତାଙ୍କ | https://www.facebook.com/OfficeOfAchyutaSamanta/posts/pfbid0388zUmGevtn5aCKDyjpnK3Vbf6JZy4hFo7aq6bXoSU6v7mg4WSiHkUjTuJEVEqzVol |

| | | | |
|---|---|---|---|
| | | ସାମଗ୍ରିକ କଲ୍ୟାଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ଅତୁଳନୀୟ।<br>CMO Odisha | |
| 47 | 05/03/22 | କୃଷିଭିତ୍ତିକ ପର୍ବ "ଅକ୍ଷୟ ତୃତୀୟା"ର ପବିତ୍ର ଅବସରରେ ଅନ୍ନଦାତାଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇବାକୁ ଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ୮ଟି ନୂଆ କୃଷି କଲ୍ୟାଣକାରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି।ପଣସ ମିଶନ, ରିୱାର୍ଡ ଯୋଜନା, ଓଡ଼ିଶା ମିଲେଟ୍ ମିଶନ, ସମନ୍ବିତ କୃଷିର ପ୍ରୋତ୍ସାହନ ଆଦି ପାଇଁ ୩୬୪୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।<br><br>ଏଥିସହ #5T ନୀତିକୁ ଆଧାର କରି କୃଷକ ଓ କୃଷି ଉଦ୍ୟୋଗୀମାନଙ୍କ ସୁବିଧା ପାଇଁ ଦେଶର ସର୍ବପ୍ରଥମ ସିଙ୍ଗଲ ୱିଣ୍ଡୋ ପ୍ଲାଟଫର୍ମ 'ଗୋ-ସୁଗମ' ପୋର୍ଟାଲର ଶୁଭାରମ୍ଭ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ। ଚାଷୀମାନଙ୍କୁ କୃଷିଭିତ୍ତିକ ଉପାଦେୟ ସେବା ଓ ପରାମର୍ଶ ଯୋଗାଇବା ଲକ୍ଷ୍ୟ ନେଇ 'କୃଷକ ଓଡ଼ିଶା' ପୋର୍ଟାଲ ଲୋକାର୍ପିତ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ।<br><br>କୃଷିକୁ ଏକ ଲାଭଜନକ ବୃତ୍ତି ଭାବରେ ବିକଶିତ କରିବା ପାଇଁ ସମସ୍ତ ପ୍ରକାରର ଉଦ୍ୟମ ସର୍ବଦା ଜାରି ରହିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଅବସରରେ ପ୍ରକାଶ କରିଥିବା ବେଳେ କୃଷକଙ୍କ ଆୟ ବୃଦ୍ଧି ନିମନ୍ତେ ବାସ୍ତବମୁଖୀ ନୀତି ନିର୍ଦ୍ଧାରଣ ପାଇଁ 'ଆନ୍ତର୍ଜାତିକ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ' ଓ Krushi Bibhaga ବିଭାଗ ମଧରେ ବୁଝାମଣାପତ୍ର ସ୍ବାକ୍ଷରିତ ହୋଇଛି।<br><br>ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ଏହି ପରିପ୍ରେକ୍ଷୀରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଅଭିହିତ କରିଛନ୍ତି ଯେ, କୃଷି କ୍ଷେତ୍ରର ଉଲ୍ଲେଖନୀୟ ବିକାଶ ଓ କୃଷକଙ୍କ କଲ୍ୟାଣ ତଥା ସଶକ୍ତିକରଣ କ୍ଷେତ୍ରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନନ୍ୟ ନେତୃତ୍ୱରେ ଓଡ଼ିଶା ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଛି।<br>#OdishaForFarmers<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02sEbPs9vkrKVuvcFjeDEBcaZsPTMnmtYt8uLMsTbamUKvewpCj25xcVhTZNknxu44l |
| 48 | 05/03/22 | ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ଫୁଲବାଣୀଠାରେ ଅନୁଷ୍ଠିତ "ଠାକୁରାଣୀ ଯାତ୍ରା"ରେ ଯୋଗଦାନ କରିଛନ୍ତି। ଆଦିଶକ୍ତି ମା' ଜଗଜ୍ଜନନୀଙ୍କ କରୁଣାରୁ କନ୍ଧମାଳ ସଂସଦୀୟ କ୍ଷେତ୍ର ତଥା ରାଜ୍ୟବାସୀଙ୍କ ଜୀବନ ମଙ୍ଗଳମୟ ହେଉ। ମା'ଙ୍କ କୃପାରୁ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହେଉ ବୋଲି ଏହି ଅବସରରେ ମା'ଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ମାନ୍ୟବର ସାଂସଦ ଡ. ସାମନ୍ତ।<br>#SamantaForKandhamal | https://www.facebook.com/OfficeOfAchyutaSamanta/posts/pfbid024GZna1aEXd16btPs6qwGJn7YQT7DEsexxyFyuwfQSWHL4UaurEXK2sbch9B2sFXYl |
| 49 | 05/04/22 | ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ସଂସଦୀୟ କ୍ଷେତ୍ର ଗସ୍ତ ଅବସରରେ କନ୍ଧମାଳ ଜିଲ୍ଲା ପରିଷଦ ବୈଠକରେ ଯୋଗଦାନ କରିଛନ୍ତି। ମାନ୍ୟବର ସାଂସଦ ନବନିର୍ବାଚିତ ଜିଲ୍ଲା ପରିଷଦ ଅଧକ୍ଷା ତଥା ସଭ୍ୟ ଓ ସଭ୍ୟା ମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା କରିବା ସହ ଯୋଜନା ଗୁଡ଼ିକର ସଠିକ୍ ରୂପାୟନ ଉପରେ ଗୁରୁତ୍ୱାରୋପ କରିଛନ୍ତି ମାନ୍ୟବର ସାଂସଦ ଡ. ସାମନ୍ତ। ସହ ନବନିର୍ବାଚିତ ଜନ ପ୍ରତିନିଧି ମାନେ ସାଧାରଣ ଜନତାଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ଦିଗରେ ସଫଳ ହେବେ ବୋଲି ଦୃଢ଼ ଆଶାବ୍ୟକ୍ତ କରିଛନ୍ତି ମାନ୍ୟବର ସାଂସଦ ଡ. ସାମନ୍ତ।<br><br>ଏହି ଅବସରରେ ମାନ୍ୟବର ଫୁଲବାଣୀ ବିଧାୟକ ଶ୍ରୀ ଅଙ୍ଗଦ କହଁର, ମାନ୍ୟବର ଘୁ. ଉଦୟଗିରି ବିଧାୟକ ଶ୍ରୀ ସାଲୁଗା ପ୍ରଧାନ, ମାନ୍ୟବର ବାଲିଗୁଡା ବିଧାୟକ ଶ୍ରୀ ଚକ୍ରମଣି କହଁରଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ | https://www.facebook.com/OfficeOfAchyutaSamanta/posts/pfbid02gfhwZnMYqcNhtWRcUiPg21iyt5u5ME6DYM6v984EMxE79oyM6LQDeFR2TkRxL2uil |

| | | | |
|---|---|---|---|
| | | ଥିଲେ।<br>#SamantaForKandhamal | |
| 50 | 05/04/22 | କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଫୁଲବାଣୀଠାରେ ଗତକାଲି ମା' ନାରାୟଣୀ ଠାକୁରାଣୀଙ୍କ ଯାତ୍ରାର ଶୁଭାରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ମା'ଙ୍କ ଯାତ୍ରାର ରୌପ୍ୟ ଜୟନ୍ତୀ ପାଳିତ ହେଉଛି। ସଂସଦୀୟ କ୍ଷେତ୍ର ଗସ୍ତ ଅବସରରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ  ପରିଚାଳନା ସମିତିର କର୍ମକର୍ତ୍ତା ତଥା ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କ ସହ ଏହି ସନ୍ଦର୍ଭରେ ସବିଶେଷ ଆଲୋଚନା କରିଛନ୍ତି।<br><br>ପ୍ରାୟ ଏକ ମାସ ଧରି ପାଳିତ ହେବାକୁ ଥିବା ରୌପ୍ୟ ଜୟନ୍ତୀ ଉତ୍ସବ କିଭଳି ସୁଚାରୁ ରୂପେ ସମ୍ପାଦିତ ହୋଇପାରିବ ଏବଂ ଏହି ମହାନ ପରମ୍ପରାକୁ ସମ୍ମାନ ଜଣାଇ ମା' ଙ୍କ ଯାତ୍ରା ଯଥାବିଧି ଅନୁଷ୍ଠିତ ହେବ, ସେ ସମ୍ବନ୍ଧରେ ମାନ୍ୟବର ସାଂସଦ ଗୁରୁତ୍ୱାରୋପ କରିଛନ୍ତି।<br>#SamantaForKandhamal | https://www.facebook.com/OfficeOfAchyutaSamanta/posts/pfbid02MDZoCDwenLxfUpPr3HrPiHLUkZhUGBEpjxRtj2UuLyFpCCiCxq9woEzAWz3G3oPHl |
| 51 | 05/04/22 | ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ସଂସଦୀୟ କ୍ଷେତ୍ର ଗସ୍ତ ଅବସରରେ ଦଶପଲ୍ଲାଠାରେ "ସାଂସଦ ଉନ୍ନୟନ ପାଣ୍ଠି"ରୁ ସାଧାରଣ ଜନତାଙ୍କ  ଉଦ୍ଦେଶ୍ୟରେ "ଆମ୍ବୁଲାନ୍ସ ସେବା" ଉତ୍ସର୍ଗ କରିଛନ୍ତି। ଏହି ଅବସରରେ ମାନ୍ୟବର ଦଶପଲ୍ଲା ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ନିର୍ବାଚିତ ଜନ ପ୍ରତିନିଧି, ବୁଦ୍ଧିଜୀବି ତଥା ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ମାନ୍ୟବର ସାଂସଦ ଦଶପଲ୍ଲା ଅଞ୍ଚଳର ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ନିଜ ଉଦ୍ୟମରେ ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଇଥିବାରୁ ସ୍ଥାନୀୟ ଅଞ୍ଚଳର ସଚେତନ  ନାଗରିକ ମାନ୍ୟବର ସାଂସଦଙ୍କୁ ସାଧୁବାଦ ଜଣାଇଛନ୍ତି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି ଯେ, ସାଧାରଣ ଜନତାଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଆମ୍ବୁଲାନ୍ସ ସେବା ଦଶପଲ୍ଲା ତଥା ଆଖପାଖ ଅଞ୍ଚଳର ଜନସାଧରଣଙ୍କୁ ଜରୁରୀକାଳୀନ ସେବା ଯୋଗାଇବା ଦିଗରେ ଉପାଦେୟ ସାବ୍ୟସ୍ତ ହେବ।<br>#SamantaForKandhamal | https://www.facebook.com/OfficeOfAchyutaSamanta/posts/pfbid02ApcjJ4QqQueGNdWZrrbDnAkgRBJ9EQBeNpUJFc9t5kdYZNDvDM3ikKK1PnGNfUj1l |
| 52 | 05/04/22 | ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଦଶପଲ୍ଲାଠାରେ ସଦ୍ୟ ସମାପ୍ତ ପଞ୍ଚାୟତ ଓ ପୌର ନିର୍ବାଚନରେ  ନିର୍ବାଚିତ ଜନ ପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ପାଇଁ ଏକ କର୍ମଶାଳାର ଆୟୋଜନ କରିଥିଲେ। ପ୍ରବାଦ ପୁରୁଷ ବିଜୁବାବୁଙ୍କ ଆଦର୍ଶକୁ ପାଥେୟ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik  ଶାସନ ବ୍ୟବସ୍ଥାରେ ତୃଣମୂଳ ସ୍ତରରେ ସାଧାରଣ ଜନତାଙ୍କ ସେବାରେ ଉତ୍ସର୍ଗୀକୃତ ପଞ୍ଚାୟତିରାଜ ଓ ପୌର ସଂସ୍ଥାର ପ୍ରତିନିଧି ମାନଙ୍କୁ ସର୍ବଦା ପ୍ରାଧାନ୍ୟ ପ୍ରଦାନ କରିଆସିଛନ୍ତି। କୋଭିଡ୍ ମହାମାରୀ ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଯେଉଁଭଳି ଭାବରେ ପଞ୍ଚାୟତିରାଜ ସଂସ୍ଥା ଗୁଡ଼ିକର ନିର୍ବାଚିତ ଜନପ୍ରତିନିଧି ମାନଙ୍କୁ ସ୍ୱତନ୍ତ୍ର ପ୍ରଶାସନିକ କ୍ଷମତା  ପ୍ରଦାନ କଲେ, ତାହା ସମଗ୍ର ଦେଶ ପାଇଁ ଉଦାହରଣ ସୃଷ୍ଟି କରିଥିବା ବେଳେ ଖୁବ୍ ନିକଟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବ ନିର୍ବାଚିତ ପୌରାଧକ୍ଷ ଏବଂ ମେୟର ମାନଙ୍କୁ ରାଜ୍ୟ ରାଜଧାନୀରେ ସୁଶାସନ ତଥା #5T ମନ୍ତ୍ରରେ ଅଭିମନ୍ତ୍ରିତ କରିଛନ୍ତି।<br><br>ଅଭିନବ ଉପାୟରେ ଜନସାଧାରଣଙ୍କ ସେବାରେ ନିଜକୁ ଉତ୍ସର୍ଗୀକୃତ କରିବା ସହ ସରକାରଙ୍କ ବିଭିନ୍ନ ଜନଭିମୁଖି କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ରୂପାୟନ ଦିଗରେ ବ୍ରତୀ ହେବାପାଇଁ ନବନିର୍ବାଚିତ  ପ୍ରତିନିଧି ମାନଙ୍କୁ ଆହ୍ବାନ କରିଛନ୍ତି ମାନ୍ୟବର ସାଂସଦ ଡ. ସାମନ୍ତ। ଏଥିସହ ଏକତାର ମନ୍ତ୍ରରେ ଉଦବୁଦ୍ଧ ହୋଇ ଦଳମତ ନିର୍ବିଶେଷରେ ସାଧାରଣ ଜନତାଙ୍କ କଲ୍ୟାଣ ତଥା ଅଞ୍ଚଳର ବିକାଶ ପାଇଁ ସମସ୍ତେ ସେବା ମନୋଭାବ ପୋଷଣ କରି କାର୍ଯ୍ୟ କରିବା ପାଇଁ ଆହ୍ବାନ କରିଛନ୍ତି | https://www.facebook.com/OfficeOfAchyutaSamanta/posts/pfbid0mbHu4ytMxSw3tCSTx1iS6AsejfgEAoTxVpksQhKSBkTiT4E4mTwDA2NoAWxc1kosl |

| | | | |
|---|---|---|---|
| | | ମାନ୍ୟବର ସାଂସଦ ଡ. ସାମନ୍ତ।<br>#SamantaForKandhamal | |
| 53 | 05/06/22 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik  ଙ୍କ ଅସାଧାରଣ ନେତୃତ୍ୱରେ ରାଜ୍ୟ ସରକାର ସର୍ବଦା ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟ ନେଇ ବ୍ୟବସ୍ଥାକୁ ସୁଦୃଢ କରିବା ଦିଗରେ ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି। ଏହି କ୍ରମରେ ନ୍ୟାୟିକ ବ୍ୟବସ୍ଥାକୁ ଆହୁରି ତ୍ୱରିତ କରିବା ପାଇଁ ୩୪ଟି ନୂତନ ଅଦାଲତ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି । ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ, ସେସନ କୋର୍ଟ, ସିଭିଲ ଜଜ କୋର୍ଟ ଓ ବାଣିଜ୍ୟିକ ଅଦାଲତ ପ୍ରତିଷ୍ଠା ଦ୍ୱାରା ରାଜ୍ୟରେ ଆହୁରି କ୍ରିୟାଶୀଳ ହେବ ନ୍ୟାୟିକ ପ୍ରକ୍ରିୟା।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଅଭିହିତ କରିଛନ୍ତି ଯେ, ପ୍ରତିଷ୍ଠିତ ହେବାକୁ ଯାଉଥିବା ଅଦାଲତ ଗୁଡିକ ନ୍ୟାୟିକ ବ୍ୟବସ୍ଥାକୁ ଆହୁରି  ସୁଦୃଢ କରିବା ସହ ସାଧାରଣ ଜନତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ନିର୍ଣ୍ଣାୟକ ସାବ୍ୟସ୍ତ ହେବେ।<br>#NabinaOdisha | https://www.facebook.com/OfficeOfAchyutaSamanta/posts/pfbid0D9bsM1oY9Z468od59e2HpeW2xmmMy9i4GYNhf6BXH8dfKZCbyt6NjTZSRkgqmE8nl |
| 54 | 05/06/22 | ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରାଜ୍ୟର ଅନ୍ନଦାତାଙ୍କ  ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik କାଳିଆ ଯୋଜନା ସହାୟତା ରାଶି ଘୋଷଣା କରିଥିବା ବେଳେ ରାଜ୍ୟର ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ଆକାଉଣ୍ଟକୁ ₹୮୦୦ କୋଟି ସିଧାସଳଖ ପ୍ରଦାନ କରାଯାଇଛି। ଏଥିସହ କୃଷିର ବିକାଶକୁ ନୂତନ ଶିଖରରେ ପହଞ୍ଚାଇବା  ପାଇଁ ରାଜ୍ୟରେ ୮ଟି ନୂଆ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ ହୋଇଛି।<br><br>କୃଷକ ସମାଜର କଲ୍ୟାଣ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅତୁଳନୀୟ ପ୍ରତିବଦ୍ଧତା ନିମନ୍ତେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ବିନମ୍ର କୃତଜ୍ଞତା ଜଣାଇଛନ୍ତି।<br><br>#OdishaForFarmers<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid0KT24D99SURE8EjCW32CxfH64BYfsSZW5ci9rAKFzj8yy6AMrz1ckAPrcpdgb8LQyl |
| 55 | 05/07/22 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ରାଜ୍ୟରେ ଦ୍ରୁତ ଶିଳ୍ପାୟନ ତଥା ପୁଞ୍ଜିନିବେଶକୁ ସର୍ବଦା ଗୁରୁତ୍ୱ ପ୍ରଦାନ କରିଆସିଛନ୍ତି। ଏହି କ୍ରମରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକକ ବାତାୟନ କମିଟି ବୈଠକରେ ୬ଟି ଗୁରୁତ୍ୱପୂର୍ଣ୍ଣ ପୁଞ୍ଜିନିବେଶ ପ୍ରକଳ୍ପ ମଞ୍ଜୁରୀ ଲାଭ କରିଛି। ଏହି ପ୍ରକଳ୍ପ ଗୁଡ଼ିକ ନିମନ୍ତେ ସମୁଦାୟ  ₹୪୯୩.୬୨ କୋଟି ନିବେଶ ହେବାକୁ ଥିବାବେଳେ ଏହାଦ୍ୱାରା ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧,୩୧୭ରୁ ଅଧିକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବାକୁ ଯାଉଛି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଅଭିହିତ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ବିଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାବାସୀଙ୍କୁ ବିକାଶର ଅନନ୍ୟ ଉପଲବ୍ଧି ପ୍ରଦାନ କରିଛି।<br><br>#InvestInOdisha<br>#OdishaLeads<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02x3xF5aYFcwG1EGCe9d5Q29VdJyG6WiTqXjtuAuytzTcTiB6jGwmwcNHdS51HVzHal |

| | | | |
|---|---|---|---|
| 56 | 05/08/22 | "Winning is a habit and Odisha's children have now formed the habit to excel, to compete with the best and win."<br>-Hon'ble CM Shri Naveen Patnaik  Ji<br><br>Winners of India Skills Competition who made Odisha extremely proud by clinching uncommon victory with 59 medals, were felicitated by Hon'ble CM Shri Naveen Patnaik.  Hon'ble CM also wished them for the upcoming World Skills Competition(WSC) to be held at China in October while  announcing enhancement of cash incentives for "Biju Patnaik Dakhyata Award" for the winners of WSC. Hon'ble  CM informed, now onwards Gold medal winner will get ₹1 Crore, Silver medallist to get ₹50 lakh & Bronze medallist to get ₹25 lakh.<br><br>Making another important announcement Hon'ble CM  declared, the institution which nurtures the Gold medal winner will get ₹5 Crore for setting up the "Biju Patnaik Centre of Excellence" while adding that target has been set for youth of #Odisha to bring 2 Golds, 3 Silvers & 4 Bronzes for the country at WSC.<br><br>Hon'ble MP Dr. Achyuta Samanta expresses his humble gratitude towards Hon'ble CM for such an amazing announcement to encourage the highly talented youths of the state and also the institutions striving hard to prove their potential and excellence in "Skills" sector.<br><br>#SkilledInOdisha<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02paAraajS8iGfzHDY2cqN7g4AryvhzuCKay3jpdBoHkBvzJ7gxbNLe7k2ZnGXoaf5l |
| 57 | 05/08/22 | "ଡିଜିଟାଲ" କ୍ଷେତ୍ରରେ  ମହିଳାମାନଙ୍କ ଦକ୍ଷତାର ବିକାଶ କରିବା ପାଇଁ Mission Shakti Odisha ଓ UNFPA India  ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ପ୍ରାରମ୍ଭିକ ୬ଲକ୍ଷ ମହିଳାଙ୍କୁ ବିଭିନ୍ନ ଡିଜିଟାଲ ଓ ଆର୍ଥିକ କୌଶଳ ଉପରେ 'ଡିଜି ଶକ୍ତି' ଅଧିନରେ ତାଲିମ ଦିଆଯିବାକୁ ଥିବା ବେଳେ ସେମାନେ ତାଲିମପ୍ରାପ୍ତ ହେବା ପରେ ସମାନ ଜ୍ଞାନକୌଶଳ ଉପରେ ଲକ୍ଷ ଲକ୍ଷ ମହିଳାଙ୍କ ଦକ୍ଷତା ବିକାଶ କରିବେ।<br><br>ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ଏହି ସନ୍ଦର୍ଭରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିନମ୍ର କୃତଜ୍ଞତା ଜଣାଇବାକୁ ଯାଇ ପ୍ରକାଶ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନନ୍ୟ ଦିଗଦର୍ଶନ ରେ "ଡ଼ିଜି ଶକ୍ତି" ମହିଳା ମାନଙ୍କ ଡିଜିଟାଲ ଦକ୍ଷତା ବୃଦ୍ଧି କରିବା ଦିଗରେ ନିର୍ଣ୍ଣାୟକ ସାବ୍ୟସ୍ତ ହେବ।<br><br>CMO Odisha | https://www.facebook.com/OfficeOfAchyutaSamanta/posts/pfbid036M8fiXuG1uap9ZQ5ABpEqXhFMpkhpoo1coAY8VzDASjoLs7ip4AYkjceiMTWfYn8l |

| | | | |
|---|---|---|---|
| 58 | 05/09/22 | With his #5T mantra, serene simplicity and personal monitoring of all the development interventions during his two decades of people-centric governance,  "The Naveen Patnaik Model of Management walks the talk! The transformational model that has inspired many leaders across the states!<br><br>Hon'ble MP Dr. Achyuta Samanta commends such a brilliant podcast by the India Today Group on the illustrious and  uncommon statesmanship of Hon'ble CM Shri Naveen Patnaik Ji.<br><br>CMO Odisha | https://www.facebook.com/OfficeOfAchyutaSamanta/posts/pfbid0Zgs9YUp4xu2LLCeyFvgtM84j4egXVU783RoFe2b1bkTZgFS1As7exUdTrCjC8t1Yl |
| 59 | 05/11/22 | ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ବ କାଳ ଧରି ରାଜ୍ୟରେ ଉଚ୍ଚଶିକ୍ଷାର ବିକାଶ ପ୍ରତି ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶେଷ ଗୁରୁତ୍ବ ପ୍ରଦାନ କରିଆସିଛନ୍ତି। ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ଓଡ଼ିଶା ବୈଷୟିକ ଶିକ୍ଷା ଓ ଗବେଷଣା ବିଶ୍ୱବିଦ୍ୟାଳୟ ରୂପାନ୍ତରଣ ମାଷ୍ଟରପ୍ଲାନକୁ ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଅନୁମୋଦନ କରିଛନ୍ତି। ଏଥିପାଇଁ ₹୧୫୦୦ କୋଟି ଖର୍ଚ୍ଚ ହେଉଥିବା ବେଳେ ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏହାକୁ ଅଗ୍ରଣୀ ଶିକ୍ଷାନୁଷ୍ଠାନ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ ଅଚ୍ୟୁତ ସାମନ୍ତ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ରାଜ୍ୟରେ ବୈଷୟିକ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି।<br><br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02JUmsAJvF6Jmn5s7Uj6Bd5rSENaD17LJNKZ4TCpuJwfwedzwrZm2HRqoHKr65qcKcl |
| 60 | 05/11/22 | ନବନିଯୁକ୍ତ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମରେ ଆଗାମୀ ଦିନରେ ରାଜ୍ୟରେ ସ୍ୱାସ୍ଥ୍ୟସେବାର ରୂପ ନିର୍ଦ୍ଧାରଣ କରିବାକୁ ଯାଉଥିବା ଚିକିତ୍ସକ ତଥା ସ୍ବାସ୍ଥ୍ୟକର୍ମୀ ମାନଙ୍କୁ ମାନ୍ୟବର  ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ସାଧାରଣ ଜନତାଙ୍କୁ ଉତ୍ସର୍ଗୀକୃତ  ସ୍ବାସ୍ଥ୍ୟସେବା ପ୍ରଦାନ ତଥା ଏହି କ୍ଷେତ୍ରର ରୂପାନ୍ତରଣ ଦିଗରେ  କାର୍ଯ୍ୟ କରିବାକୁ ଆହ୍ବାନ କରିଛନ୍ତି। ଏଥିସହ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ଆଉ ୪ ଇଏସଆଇ ଓ ୧୨ ଡିସ୍ପେନସାରୀ ଖୋଲିବା ପ୍ରସ୍ତାବକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଅଭିହିତ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଏବଂ ପ୍ରତ୍ୟକ୍ଷ ଦିଗଦର୍ଶନ ରାଜ୍ୟରେ ସ୍ବାସ୍ଥ୍ୟସେବା କ୍ଷେତ୍ରରେ ରୂପାନ୍ତରଣର ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିଛି।<br><br>CMO Odisha | https://www.facebook.com/OfficeOfAchyutaSamanta/posts/pfbid0BajoRADwuU6JkCveE2d76dzTRcQevYJJEa7sqKHMhbhiintkHx4XVixepR5EDfSBl |
| 61 | 05/14/2022 | Mission Shakti Odisha  ଅଧିନରେ ଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ " ବ୍ୟାଙ୍କ ସଖୀ" ରୂପେ ରାଜ୍ୟର ଗ୍ରାମୀଣ ଅଞ୍ଚଳରେ ଥିବା ଅପହଞ୍ଚ ଇଲାକାରେ ସାଧାରଣ ଜନତାଙ୍କୁ ଆର୍ଥିକ ସେବା ଯୋଗାଇଦେବାରେ   ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ସମୁଦାୟ ୨୨ଶହ  ସଦସ୍ୟା ଏଥିରେ ନିୟୋଜିତ ହୋଇଥିବା ବେଳେ ବିଗତ ଆର୍ଥିକ ବର୍ଷରେ ସମୁଦାୟ ₹୮୮୦ କୋଟିର କାରବାର କରି ଗ୍ରାମୀଣ ଅର୍ଥନୀତିରେ ଉଲ୍ଲେଖନୀୟ ରୂପାନ୍ତରଣ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛନ୍ତି। | https://www.facebook.com/OfficeOfAchyutaSamanta/posts/pfbid0xJv5zZqYEiiB6JKpHubZgUPHZ2NMk9oEJJxuaRuT6rFYU7SXmFndTQWPHJguewsMl |

| | | | |
|---|---|---|---|
| | | ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅସାଧାରଣ ନେତୃତ୍ୱରେ "ମିଶନ ଶକ୍ତି" ଆଜି ସମଗ୍ର ଦେଶରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ଏକ ବୈପ୍ଲବିକ ଉଦାହରଣ ସୃଷ୍ଟି କରିଛି।<br>#MissionShakti<br>CMO Odisha | |
| 62 | 05/14/2022 | "ଜଳବାୟୁ ପରିବର୍ତ୍ତନ" ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଥିବା ବେଳେ ଏହି ସନ୍ଦର୍ଭରେ ଜଙ୍ଗଲ ସମ୍ପଦର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ବ ବହନ କରୁଛି। ରାଜ୍ୟରେ ଜଙ୍ଗଲର ପରିସୀମା ବୃଦ୍ଧି ପାଉଥିବା ବେଳେ ହେକ୍ଟାର ବନ ସୃଷ୍ଟିରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ତେବେ ଏହାକୁ ଆହୁରି ବ୍ୟାପକ ତଥା ସାର୍ବଜନୀନ କରିବା ପାଇଁ ଏସଏଚଜି ମହିଳାଙ୍କୁ ସାମିଲ କରାଯିବା ସହ #5T ନୀତିକୁ ଆଧାର କରି ବିବିଧ ଯୋଜନା ପ୍ରସ୍ତୁତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଜଙ୍ଗଲ ବିଭାଗର ମଣ୍ଡଳସ୍ତରୀୟ ଅଧିକାରୀ ମାନଙ୍କ ସମ୍ମିଳନୀରେ ଉଦବୋଧନ ଦେବାକୁ ଯାଇ ପରାମର୍ଶ ଦେଇଥିଲେ।<br><br>ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ଏହି ପରିପ୍ରେକ୍ଷୀରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଅଭିହିତ କରିଛନ୍ତି ଯେ,ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ ଜଙ୍ଗଲ ସମ୍ପଦର ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ଏକ ନିଆରା ଉଦାହରଣ ସୃଷ୍ଟି କରିବାକୁ ଯାଇ "ଜଳବାୟୁ ପରିବର୍ତ୍ତନ"ର ମୁକାବିଲା ଦିଗରେ ସମଗ୍ର ବିଶ୍ୱକୁ ଅନନ୍ୟ ବାର୍ତ୍ତା ପ୍ରଦାନ କରିଛି।<br><br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02Ws3qJVT4pQu8vV9vV1WYGVPjzdzniMjLf833doUjNJXDDq53kR6aiXDmm8we6H6Ql |
| 63 | 05/18/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ପଶ୍ଚିମ ଓଡ଼ିଶାର ସର୍ବାଙ୍ଗୀନ ବିକାଶକୁ ଆହୁରି ବ୍ୟାପକ କରିବା ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବାର୍ଷିକ ଅନୁଦାନକୁ ₹୧୦୦ କୋଟିରୁ ₹୨୦୦ କୋଟିକୁ ବୃଦ୍ଧି କରିଛନ୍ତି। ଏଥିସହିତ ଅଞ୍ଚଳରେ ଯୁବକଯୁବତୀମାନଙ୍କ ପାଇଁ ଅଧିକରୁ ଅଧିକ ରୋଜଗାରର ସୁଯୋଗ ସୃଷ୍ଟି ଦିଗରେ ପରିଷଦ ପକ୍ଷରୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଛି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ତଥା ପଶ୍ଚିମ ଓଡ଼ିଶାର ବିକାଶ ପରିଷଦର ମାନ୍ୟବର ସଦସ୍ୟ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର ସାଧୁବାଦ ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନରେ ପରିଷଦ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଆଗାମୀ ଦିନରେ ଅଞ୍ଚଳରେ ବିକାଶର ଧାରାକୁ ଆହୁରି ଦ୍ରୁତ ଗତିରେ ତ୍ୱରାନ୍ୱିତ କରିବ।<br><br>#OdishaCares<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid07aEKRgPmQZWrUGGno6cAaGYfspVaVGA5wjg7nSvQb1Z2rjiGpARS9g5vatFZrZusl |
| 64 | 05/18/2022 | "ପ୍ରତିଟି ଜୀବନ ମୂଲ୍ୟବାନ"। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କଏହିମନ୍ତ୍ରକୁ #BijuSwasthyaKalyanaYojana ସାର୍ଥକ କରିଥିବା ବେଳେ ଗତ ୪ମାସ ମଧ୍ୟରେ ଏହି ଯୋଜନାରେ ଅଧିକରୁ ଅଧିକ ହିତାଧିକାରୀ ସାମିଲ ହୋଇଛନ୍ତି। ସାଧାରଣ ଜନତାଙ୍କ ସ୍ବାସ୍ଥ୍ୟ ସୁରକ୍ଷା ନିମନ୍ତେ ଦୈନିକ ଖର୍ଚ୍ଚ ୩ଗୁଣା ବୃଦ୍ଧି ପାଇବା ହିଁ ଏହି ଯୋଜନାର ସଫଳତା ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଅଭିହିତ କରିଛନ୍ତି ଯେ, | https://www.facebook.com/OfficeOfAchyutaSamanta/posts/pfbid02n7DP449M4RFAZieNwY6apXchVy6Au7XHUJwWWeD3diCfrkqWA3zNFSr65FX8HjGgl |

| | | | |
|---|---|---|---|
| | | "ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା" ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଥିବା ବେଳେ ରାଜ୍ୟର ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ନିରାପତ୍ତା ଦିଗରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି।<br>ସୌ-ସକାଳ<br>#OdishaCares<br>CMO Odisha | |
| 65 | 05/18/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନରେ "ମିଶନ ଶକ୍ତି" ମାଧ୍ୟମରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ବିଶ୍ୱ ସହ ଯୋଡ଼ିବା ପାଇଁ ସେମାନଙ୍କୁ "ଡିଜିଟାଲ" କ୍ଷେତ୍ରରେ ସଶକ୍ତ କରିବାର ଅଭିଯାନ ଆରମ୍ଭ ହେଉଛି। ପ୍ରଥମ ପର୍ଯ୍ୟାୟରେ ୬ଲକ୍ଷ ମହିଳାଙ୍କୁ ତାଲିମ ଦିଆଯିବାକୁ ଥିବା ଥିବାବେଳେ ଲିଙ୍ଗଗତ, ଆର୍ଥିକ ଓ ସାମାଜିକ ଅସମାନତା ଦୂରୀକରଣ ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି Mission Shakti Odisha<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ ସାଧୁବାଦ ଜଣାଇବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ବାସ୍ତବିକ ମିଶନ ଶକ୍ତି ଆଜି ଏକ ନୀରବ ସାମାଜିକ ବିପ୍ଳବର ରୂପ ଧାରଣ କରିଛି।<br>#MissionShakti<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02FPzpwn4HC4GUaxRNBKoLGYVgXWgr7MThmHoUBqAaSw8r3tDvkgifoWzkQwucwdKzl |
| 66 | 05/18/2022 | ଗଞ୍ଜାମ ଜିଲ୍ଲାରେ ଥିବା ପ୍ରସିଦ୍ଧ ଶକ୍ତିପୀଠ ମା' ତାରାତାରିଣୀଙ୍କ ନୂତନ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଯୋଗଦାନ କରି ଗଞ୍ଜାମବାସୀଙ୍କ ସମେତ ସାଢ଼େ ଚାରିକୋଟି ଓଡ଼ିଆଙ୍କ ମଙ୍ଗଳ କାମନା କରିଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜିର ଦିବସଟିକୁ ପବିତ୍ର ଦିବସ ଭାବେ ବର୍ଣ୍ଣନା କରି ଏହି କାର୍ଯ୍ୟରେ ସହଯୋଗ ପାଇଁ ସ୍ଥାନୀୟ ବାସିନ୍ଦା ଓ ସେବାୟତଙ୍କୁ ଆନ୍ତରିକ ସାଧୁବାଦ ଜଣାଇବା ସଙ୍ଗେ ସଙ୍ଗେ ଓଡ଼ିଶାର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅନନ୍ୟ ପ୍ରତିଫଳନ ମା'ଙ୍କ ମନ୍ଦିରର ନୂତନ ରୂପକୁ ସାକାର କରିବାରେ ସଫଳତା ଲାଭ କରିଥିବା ଶିଳ୍ପୀ ଓ କାରିଗରମାନଙ୍କୁ ମୁଖ୍ୟମନ୍ତ୍ରୀ ବିଶେଷ ଅଭିନନ୍ଦନ ଜଣାଇଛନ୍ତି।<br><br>ଏହି ଅବସରରେ ମନ୍ଦିରର ଏହି ଦିବ୍ୟ ରୂପ ଓ ବିକଶିତ ପରିବେଶ ଅଧିକ ଶ୍ରଦ୍ଧାଳୁ ତଥା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାରେ ସହାୟକ ହେବ ବୋଲି ଉଲ୍ଲେଖ କରିବା ସହ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ବିକଶିତ ବିବିଧ ସୁବିଧା ସୁଯୋଗକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି। ଏଥିସହ ଋଷିକୂଲ୍ୟା ନଦୀ ତଟ ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ଶାନ୍ତି ଓ ସହଯୋଗ ଭିତ୍ତିରେ ଗଞ୍ଜାମର ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ଆହ୍ୱାନ ଜଣାଇଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର ପ୍ରମୁଖ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ତଥା ଧାର୍ମିକ ସ୍ଥଳୀ ଗୁଡ଼ିକର ସାମଗ୍ରିକ ବିକାଶ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ଅତୁଳନୀୟ।<br>#5T<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid038DMpe9CpBsPRXN6iB83Aah7DmX3i4AjWRuKorK7dYbNngN3LNDg8kiEyPYyia8f2l |
| 67 | 05/20/2022 | ଓଡ଼ିଶାର ପ୍ରମୁଖ ଶକ୍ତିପୀଠ ତଥା ଅଗଣିତ ଓଡିଆଙ୍କ ଆସ୍ଥାର ପ୍ରତୀକ ମା' କଟକ ଚଣ୍ଡୀଙ୍କ ମନ୍ଦିରର ରୂପାନ୍ତରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ସମୁଦାୟ ₹୭୦ କୋଟିର ବିକାଶ ଯୋଜନାକୁ ଅନୁମୋଦନ କରିଛନ୍ତି। ଏଥିରେ ଭକ୍ତଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ସହ ଶ୍ରଦ୍ଧାଳୁଙ୍କ ନିମନ୍ତେ ଦିବ୍ୟ, ଆଧ୍ୟାତ୍ମିକ ପରିବେଶ ସୃଷ୍ଟିକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ପ୍ରୟାସକୁ ସଫଳ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା | https://www.facebook.com/OfficeOfAchyutaSamanta/posts/pfbid06VyrfPqL5KHe3KNevDbeC6nabBYmVisnLELLQxoCyNsmmhfFDsd5ULp7t3Pzu91Zl |

| | | | |
|---|---|---|---|
| | | କରିଛନ୍ତି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ  ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ମା' କଟକ ଚଣ୍ଡୀଙ୍କ ମନ୍ଦିରର ରୂପାନ୍ତରଣ  ଓଡ଼ିଶାର ପ୍ରସିଦ୍ଧ ପୀଠ ଗୁଡ଼ିକର ରୂପାନ୍ତରଣ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ କ୍ଷେତ୍ରରେ ଆଉ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି।<br><br>#5T<br>CMO Odisha | |
| 68 | 05/20/20<br>22 | #OdishaForSports<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02Mx3o74Xyv9MFYXT1HGAexbc1pdEJS22vvventwj5okVrb5THWC3dKg1e8R7EnZ671 |
| 69 | 05/24/20<br>22 | ମାନ୍ୟବର ସାଂସଦ ଡ.ଅଚ୍ୟୁତ ସାମନ୍ତ ସଂସଦୀୟ କ୍ଷେତ୍ର ଗସ୍ତ ଅବସରରେ ଫୁଲବାଣୀଠାରେ ଅନୁଷ୍ଠିତ ମା' ନାରାୟଣୀ ଠାକୁରାଣୀଙ୍କ ଯାତ୍ରାର ରଜତ ଜୟନ୍ତୀ ସମାରୋହରେ ଯୋଗଦାନ କରିଛନ୍ତି। ଏହି ଅବସରରେ ମାନ୍ୟବର ସାଂସଦ ଡ. ସାମନ୍ତ ମା'ଙ୍କ ନିକଟରେ କନ୍ଧମାଳ ସଂସଦୀୟ କ୍ଷେତ୍ର ସମେତ ରାଜ୍ୟବାସୀଙ୍କ ମଙ୍ଗଳ ନିମନ୍ତେ ପ୍ରାର୍ଥନା କରିଛନ୍ତି। ମା'ଙ୍କ କଳସ ଯାତ୍ରା ଅପୂର୍ବ ଦିବ୍ୟ ତରଙ୍ଗ ସୃଷ୍ଟି କରୁଛି ବୋଲି ଉଲ୍ଲେଖ କରିବା ସହ  ଦୀର୍ଘ ପଚିଶ ବର୍ଷ ଧରି ମା' ଙ୍କ ଯାତ୍ରାକୁ ଯଥାବିଧି ପାଳନ କରିଆସୁଥିବାରୁ ମାନ୍ୟବର ସାଂସଦ ଡ. ସାମନ୍ତ ଆୟୋଜକ ମାନଙ୍କୁ ଅଶେଷ ସାଧୁବାଦ ଜଣାଇଛନ୍ତି। ଏହି ଉତ୍ସବରେ ଆୟୋଜନ ସମିତିର ପ୍ରମୁଖ କର୍ମକର୍ତ୍ତାଙ୍କ ସମେତ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ।<br>#SamantaForKandhamal | https://www.facebook.com/OfficeOfAchyutaSamanta/posts/pfbid0NFdfCuwrpLEgG2ydGLM19SWopHGGKQ6xijdFwXcwdb21owGJRwKu2YziHd9pE3Ugl |
| 70 | 05/24/20<br>22 | ସଂସଦୀୟ କ୍ଷେତ୍ର ଗସ୍ତ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ନିଯୁକ୍ତି ମେଳାରେ ଯୋଗ ଦେଇଛନ୍ତି  ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ। ପ୍ରତିଭସମ୍ପନ୍ନ ଯୁବକଯୁବତୀ ମାନଙ୍କୁ ନିଯୁକ୍ତି  ଯୋଗାଇଦେବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ ରାଜ୍ୟ ସରକାରଙ୍କ ପ୍ରୟାସ ଉଲ୍ଲେଖନୀୟ ବୋଲି ପ୍ରକାଶ କରିଛନ୍ତି ମାନ୍ୟବର ସାଂସଦ ଡ. ସାମନ୍ତ। ଏହିଭଳି ନିଯୁକ୍ତି ମେଳାର ଆୟୋଜନ କନ୍ଧମାଳ ମାଟିର ଉଦୀୟମାନ ଯୁବ ପ୍ରତିଭା ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ନିର୍ଣ୍ଣାୟକ ସାବ୍ୟସ୍ତ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି ମାନ୍ୟବର ସାଂସଦ ଡ. ସାମନ୍ତ।<br><br>ଏହି ଅବସରରେ ମାନ୍ୟବର ଫୁଲବାଣୀ ବିଧାୟକ ଶ୍ରୀ ଅଙ୍ଗଦ କହଁର, ମାନ୍ୟବର ଘ. ଉଦୟଗିରି ବିଧାୟକ ଶ୍ରୀ ସାଲୁଗା ପ୍ରଧାନ, ମାନ୍ୟବର ବାଲିଗୁଡ଼ା ବିଧାୟକ ଶ୍ରୀ ଚକ୍ରମଣି କହଁର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତି ନନ୍ଦିନୀ ମଲ୍ଲିକଙ୍କ ସମେତ କନ୍ଧମାଳ ଜିଲ୍ଲାପାଳ ଡ଼. ବୃନ୍ଦା ଡି., ଭାପ୍ରସେ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।<br>#SamantaForKandhamal | https://www.facebook.com/OfficeOfAchyutaSamanta/posts/pfbid0H1oxF6Gr6LH7tqYwx276UNmcPYvdm4Sc1fxtAabbhpTMFVen2xYSvTZixoSfMDZjl |
| 71 | 05/24/20<br>22 | ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ  ସଂସଦୀୟ କ୍ଷେତ୍ର ଗସ୍ତ ଅବସରରେ କନ୍ଧମାଳ ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ନିରୀକ୍ଷଣ କମିଟି ବୈଠକରେ ଯୋଗଦାନ କରିଛନ୍ତି। ବିକାଶ ମୂଳକ କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା କରିବାକୁ ଯାଇ  ମାନ୍ୟବର ସାଂସଦ ଡ. ସାମନ୍ତ ପ୍ରକାଶ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନନ୍ୟ ନେତୃତ୍ୱ ତଥା ଦିଗଦର୍ଶନରେ କାର୍ଯ୍ୟକାରୀ ହେଉଥିବା ବିବିଧ ଯୋଜନା ଏବଂ କାର୍ଯ୍ୟକ୍ରମ କିଭଳି ଆହୁରି ଜନାଭିମୁଖି ହୋଇପାରିବ, ସେଥିପ୍ରତି ପ୍ରଶାସନ ସ୍ବତନ୍ତ୍ର ଧ୍ୟାନ ଦେବାର ଆବଶ୍ୟକତା ରହିଛି। | https://www.facebook.com/OfficeOfAchyutaSamanta/posts/pfbid0e7cpWxCDZVgtoAwCWnUYEepvUaW6rqyXanLXHp6CNRYapc7qgCXkv8cYhL8LJZRXl |

| | | | |
|---|---|---|---|
| | | ଏହି ଅବସରରେ  ମାନ୍ୟବର ଫୁଲବାଣୀ ବିଧାୟକ ଶ୍ରୀ ଅଙ୍ଗଦ କହଁର, ମାନ୍ୟବର ଘୁ. ଉଦୟଗିରି ବିଧାୟକ ଶ୍ରୀ ସାଲୁଗା ପ୍ରଧାନ, ମାନ୍ୟବର ବାଲିଗୁଡ଼ା ବିଧାୟକ ଶ୍ରୀ ଚକ୍ରମଣି କହଁର, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତି ନନ୍ଦିନୀ ମଲ୍ଲିକଙ୍କ ସମେତ କନ୍ଧମାଳ ଜିଲ୍ଲାପାଳ ଡ଼. ବୃନ୍ଦା ଡି, ଭାପ୍ରସେ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।<br>#SamantaForKandhamal | |
| 72 | 05/24/2022 | ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ସଂସଦୀୟ କ୍ଷେତ୍ର ଗସ୍ତ ଅବସରରେ ଫୁଲବାଣୀସ୍ଥିତ ପଞ୍ଚାୟତ ଭବନ ପରିସରରେ ଅନୁଷ୍ଠିତ ଜିଲ୍ଲା ବିଦ୍ୟୁତ କମିଟି ବୈଠକରେ ଯୋଗଦାନ କରିଛନ୍ତି। ବିଦ୍ୟୁତ ଉପଭୋକ୍ତାଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଇ ସାଧାରଣ ଜନତାଙ୍କୁ  ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇଦିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ ମାନ୍ୟବର ସାଂସଦ ଡ. ସାମନ୍ତ।<br><br>ଏହି ଅବସରରେ  ମାନ୍ୟବର ଫୁଲବାଣୀ ବିଧାୟକ ଶ୍ରୀ ଅଙ୍ଗଦ କହଁର, ମାନ୍ୟବର ଘୁ. ଉଦୟଗିରି ବିଧାୟକ ଶ୍ରୀ ସାଲୁଗା ପ୍ରଧାନ, ମାନ୍ୟବର ବାଲିଗୁଡ଼ା ବିଧାୟକ ଶ୍ରୀ ଚକ୍ରମଣି କହଁର ଏବଂ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତି ନନ୍ଦିନୀ ମଲ୍ଲିକଙ୍କ ସମେତ କନ୍ଧମାଳ ଜିଲ୍ଲାପାଳ ଡ଼. ବୃନ୍ଦା ଡି., ଭାପ୍ରସେ ତଥା ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।<br>#SamantaForKandhamal | https://www.facebook.com/OfficeOfAchyutaSamanta/posts/pfbid035zVWNEFrYy8oyB9b1qxNPxdhAg6G3egPGyfT4ofPEyoZHBmTLJ1F5XRATveRfXGtl |
| 73 | 05/24/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଦୁର୍ନୀତି ବିରୋଧରେ ସର୍ବଦା ଶୂନ୍ୟସହନଶୀଳତା ନୀତି ଅବଲମ୍ବନ କରିଆସିଛନ୍ତି। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଛି। ତାଙ୍କରି ଆଦର୍ଶକୁ ପାଥେୟ କରି ତୃଣମୂଳ ସ୍ତରରେ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଫୁଲବାଣୀସ୍ଥିତ ପଞ୍ଚାୟତ ଭବନଠାରେ ଜିଲ୍ଲା ଦୁର୍ନୀତି ନିବାରଣ ନିରୀକ୍ଷଣ କମିଟି ବୈଠକରେ ଯୋଗଦେବା ଅବସରରେ ଜିଲ୍ଲା ପ୍ରଶାସନକୁ ଆହ୍ବାନ କରିଛନ୍ତି ମାନ୍ୟବର ସାଂସଦ ଡ.ଅଚ୍ୟୁତ ସାମନ୍ତ।<br><br>ଏହି ଅବସରରେ  ମାନ୍ୟବର ଫୁଲବାଣୀ ବିଧାୟକ ଶ୍ରୀ ଅଙ୍ଗଦ କହଁର, ମାନ୍ୟବର ଘୁ. ଉଦୟଗିରି ବିଧାୟକ ଶ୍ରୀ ସାଲୁଗା ପ୍ରଧାନ, ମାନ୍ୟବର ବାଲିଗୁଡ଼ା ବିଧାୟକ ଶ୍ରୀ ଚକ୍ରମଣି କହଁର ଏବଂ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତି ନନ୍ଦିନୀ ମଲ୍ଲିକଙ୍କ ସମେତ କନ୍ଧମାଳ ଜିଲ୍ଲାପାଳ ଡ଼. ବୃନ୍ଦା ଡି., ଭାପ୍ରସେ ତଥା ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।<br>#SamantaForKandhamal | https://www.facebook.com/OfficeOfAchyutaSamanta/posts/pfbid0zC8GoEaAcBDtxsP5yHAG972beYGd4ojEkA2RJeCvuXNhJuPz5D1gmjqpwUsuSZ8hl |
| 74 | 05/24/2022 | ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ରୂପେ ଗଣମାଧ୍ୟମ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି। କନ୍ଧମାଳ ମାଟିର ସାମଗ୍ରିକ ବିକାଶ ଦିଗରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଭୂମିକା ଅତୁଳନୀୟ।<br><br>ଫୁଲବାଣୀଠାରେ ଜିଲ୍ଲା ପ୍ରେସ କ୍ଲବ ପରିସରରେ ଅତିରିକ୍ତ ଗୃହର ଉଦଘାଟନ କରିବା ଅବସରରେ ମାନ୍ୟବର ସାଂସଦ ଡ.ଅଚ୍ୟୁତ ସାମନ୍ତ ଏହା ପ୍ରକାଶ କରିଛନ୍ତି। ଏହି ଅବସରରେ ମାନ୍ୟବର ଫୁଲବାଣୀ ବିଧାୟକ ଶ୍ରୀ ଅଙ୍ଗଦ କହଁର, ଫୁଲବାଣୀ ପୌର ପରିଷଦ ଅଧକ୍ଷା ଶ୍ରୀମତି ସ୍ମିତାରାଣୀ ମହାନ୍ତି, ଜିଲ୍ଲା ପ୍ରେସ କ୍ଲବର ସଭାପତି ଶ୍ରୀ ସୁନିଲ ପଟ୍ଟନାୟକଙ୍କ ସମେତ  କ୍ଲବର ପଦାଧିକାରୀ ଏବଂ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।<br>#SamantaForKandhamal | https://www.facebook.com/OfficeOfAchyutaSamanta/posts/pfbid023Uv6ZJ6SUAQVZsn9aYUbi8PNMhoqAagaFCPAADSoC5NRVsDWgZEtEiS39PxBoqg3l |
| 75 | 05/24/2022 | ସାଢ଼େ ଚାରିକୋଟି ଓଡ଼ିଶା ବାସୀଙ୍କ କଲ୍ୟାଣ ପାଇଁ ପ୍ରଗତିର ମହାନାୟକ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଛନ୍ତି। ବିକାଶର କେନ୍ଦ୍ରରେ ରହିଆସିଛନ୍ତି ତ୍ରିସ୍ତରୀୟ ପଞ୍ଚାୟତିରାଜ ଓ ପୌର  ସଂସ୍ଥାର ଜନ ପ୍ରତିନିଧି ମାନେ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶକୁ ପାଥେୟ କରି ଆଗାମୀ ଦିନରେ ସାଧାରଣ ଜନତାଙ୍କ କଲ୍ୟାଣ ଆନ୍ତରିକ ପ୍ରୟାସ ଜାରି ରଖିବା ପାଇଁ | https://www.facebook.com/OfficeOfAchyutaSamanta/posts/pfbid02wMaPwsjbxHQTHfgNMv58a8xdmbFhN4bcVNTisxDp2PbdbEfd2iSJjStwkYxLADzl |

| | | | |
|---|---|---|---|
| | | ନବନିର୍ବାଚିତ ଜନ ପ୍ରତିନିଧି ମାନଙ୍କ ସମୂହ ସମ୍ବର୍ଦ୍ଧନା ସଭା ଓ କର୍ମଶାଳାରେ ଉଦବୋଧନ ଦେବାକୁ  ଯାଇ ଆହ୍ବାନ କରିଛନ୍ତି ମାନ୍ୟବର ସାଂସଦ ଡ.ଅଚ୍ୟୁତ ସାମନ୍ତ। <br><br> ଏହି ଅବସରରେ ମାନ୍ୟବର ଫୁଲବାଣୀ ବିଧାୟକ ଶ୍ରୀ ଅଙ୍ଗଦ କହଁର, ବିଜୁ ଜନତା ଦଳର ଜିଲ୍ଲା ସଭାପତି ଶ୍ରୀ ସରୋଜ କର୍ଣ୍ଣଙ୍କ ସମେତ ବରିଷ୍ଠ ଦଳୀୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। <br> #SamantaForKandhamal | |
| 76 | 05/24/2022 | ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଫୁଲବାଣୀସ୍ଥିତ ଜିରିଙ୍ଗିପଡ଼ାଠାରେ ଶ୍ରୀ ଲକ୍ଷ୍ମୀନୃସିଂହନାଥ ଠାକୁରଙ୍କ ଜନ୍ମୋତ୍ସବ ତଥା ଚନ୍ଦନ ଯାତ୍ରା ଅବସରରେ ଯୋଗଦାନ କରି ପ୍ରଭୁଙ୍କ ନିକଟରେ କନ୍ଧମାଳ ତଥା ରାଜ୍ୟବାସୀଙ୍କ କଲ୍ୟାଣ ଏବଂ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିଛନ୍ତି। <br><br> ଶାନ୍ତିଶୃଙ୍ଖଳାର ସହ ଯଥାବିଧି ପ୍ରଭୁଙ୍କ ଜନ୍ମୋତ୍ସବ ପାଳନ କରୁଥିବାରୁ ଆୟୋଜକ କମିଟିର କର୍ମକର୍ତ୍ତା ମାନଙ୍କୁ ଆନ୍ତରିକ ସାଧୁବାଦ ଜଣାଇଛନ୍ତି ମାନ୍ୟବର ସାଂସଦ ଡ. ସାମନ୍ତ। <br> #SamantaForKandhamal | https://www.facebook.com/OfficeOfAchyutaSamanta/posts/pfbid0VjxhBgtT6ryZ4gmB3umqAhNpDuDWnW95NQR5STGecFyD2KehXDhCWipMuLJKJFBMl |
| 77 | 05/24/2022 | ସଂସଦୀୟ କ୍ଷେତ୍ର ଗସ୍ତ ଅବସରରେ ଫୁଲବାଣୀଠାରେ ଅନୁଷ୍ଠିତ ମା' ନାରାୟଣୀ ଠାକୁରାଣୀଙ୍କ ଯାତ୍ରାରେ ଯୋଗଦେବା ସହ ମା' ଙ୍କ ଯାତ୍ରାର ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ ପରିପ୍ରେକ୍ଷୀରେ ପ୍ରକାଶିତ ସ୍ମରଣିକାର ଉନ୍ମୋଚନ କରିଛନ୍ତି ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ। <br><br> ଦୀର୍ଘ ପଚିଶ ବର୍ଷ ଧରି ନିଷ୍ଠାର ସହ ମା'ଙ୍କ ଯାତ୍ରା ପାଳନ କରିବା ସହିତ ସ୍ଥାନୀୟ ଅଞ୍ଚଳରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବା ଆୟୋଜକ ମାନଙ୍କୁ ଅଶେଷ ସାଧୁବାଦ ଜଣାଇଛନ୍ତି ମାନ୍ୟବର ସାଂସଦ ଡ. ସାମନ୍ତ। ମା'ଙ୍କ ଅପାର କୃପାରୁ ଆଗାମୀ ଦିନ ମାନଙ୍କରେ ଏହି ଭବ୍ୟ ଯାତ୍ରା ସଫଳତାର ସହ ସମ୍ପନ୍ନ ହେଉ ବୋଲି ଉଲ୍ଲେଖ କରିଛନ୍ତି ମାନ୍ୟବର ସାଂସଦ ଡ. ସାମନ୍ତ। <br> #SamantaForKandhamal | https://www.facebook.com/OfficeOfAchyutaSamanta/posts/pfbid02oTX1xbvrYB5PNoBzbET3HxTF7PKLFhSfWLZUbedytWCeTpPWCdUuAWSPFWDZ82CPl |
| 78 | 05/25/2022 | ମାନ୍ୟବର ସାଂସଦ ଡ.ଅଚ୍ୟୁତ ସାମନ୍ତ କନ୍ଧମାଳ ସଂସଦୀୟ କ୍ଷେତ୍ର ଗସ୍ତ ଅବସରରେ ଘୁ. ଉଦୟଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ନବନିର୍ବାଚିତ ଜନ ପ୍ରତିନିଧି ମାନଙ୍କ ପାଇଁ ଆୟୋଜିତ ସମ୍ବର୍ଦ୍ଧନା ସଭା ଏବଂ କର୍ମଶାଳାକୁ ସମ୍ବୋଧନ କରିଛନ୍ତି। ମାନ୍ୟବର ସାଂସଦ ଡ. ସାମନ୍ତ ଉପସ୍ଥିତ ସମସ୍ତ ନବନିର୍ବାଚିତ ପ୍ରତିନିଧି ମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନ ମାନଙ୍କରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଆଦର୍ଶକୁ ପାଥେୟ କରି ପ୍ରଗତିର ମହାନାୟକ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ କାର୍ଯ୍ୟକାରୀ ହେଉଥିବା ଲୋକାଭିମୁଖୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ଦିଗରେ ବ୍ରତୀ ହେବାପାଇଁ ଆହ୍ବାନ କରିଛନ୍ତି । <br><br> ଏହି ଅବସରରେ ମାନ୍ୟବର ଘୁ. ଉଦୟଗିରି ବିଧାୟକ ଶ୍ରୀ ସାଲୁଗା ପ୍ରଧାନ, ବିଜୁ ଜନତା ଦଳର ଜିଲ୍ଲା ସଭାପତି ଶ୍ରୀ ସରୋଜ କର୍ଣ୍ଣଙ୍କ ସମେତ ଦଳର ବରିଷ୍ଠ ପଦାଧିକାରୀ ଏବଂ ବିଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଏବଂ ପୌର ନିର୍ବାଚନରେ ନିର୍ବାଚିତ ଜନ ପ୍ରତିନିଧି ମାନେ ଉପସ୍ଥିତ ଥିଲେ। <br> #SamantaForKandhamal | https://www.facebook.com/OfficeOfAchyutaSamanta/posts/pfbid0sdXdiwKbEpACD5K1N281a93C97S4ySL3kr7ssPpcZHaP3DXATKrfzVhWnHPj3Jf6l |

| | | | |
|---|---|---|---|
| 79 | 05/25/2022 | କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବିଭିନ୍ନ ଅଞ୍ଚଳର ନବନିର୍ବାଚିତ ଜନ ପ୍ରତିନିଧି ମାନଙ୍କ ପାଇଁ ଆୟୋଜିତ ସମ୍ବର୍ଦ୍ଧନା ସଭା ଏବଂ କର୍ମଶାଳାକୁ ସମ୍ବୋଧିତ କରିଛନ୍ତି ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶକୁ ଭିତ୍ତି କରି ଅଞ୍ଚଳରେ ବିକାଶର ପ୍ରକ୍ରିୟାକୁ ଆହୁରି ଦ୍ରୁତ ଗତିରେ ତ୍ୱରାନ୍ବିତ କରିବା ପାଇଁ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ନବନିର୍ବାଚିତ ପ୍ରତିନିଧି ମାନଙ୍କୁ ଆହ୍ବାନ କରିଛନ୍ତି।<br><br>ଏହି ଅବସରରେ ମାନ୍ୟବର ବାଲିଗୁଡା ବିଧାୟକ ଶ୍ରୀ ଚକ୍ରମଣି କହଁର, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ନନ୍ଦିନୀ ମଲ୍ଲିକ, ବିଜୁ ଜନତା ଦଳର ଜିଲ୍ଲା ସଭାପତି ଶ୍ରୀ ସରୋଜ କର୍ଣ୍ଣଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।<br>#SamantaForKandhamal<br>Achyuta Samanta | https://www.facebook.com/OfficeOfAchyutaSamanta/posts/pfbid02gaMZorNbMFwAcbW543CZhTJDcEa9NjG6NjVj7a3SoY1vogeDA8YM2N7BDqdaMyhVl |
| 80 | 05/26/2022 | ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ତାଙ୍କରି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବୌଦ୍ଧ ଜିଲ୍ଲାସ୍ଥିତ ଲୁଣିବାହାଲଠାରେ ନିର୍ମାଣାଧୀନ "କିସ୍" ବିଦ୍ୟାଳୟର ନିର୍ମାଣ କାର୍ଯ୍ୟର ସବିଶେଷ ନୀରିକ୍ଷଣ କରିବା ସହ କାର୍ଯ୍ୟର ଅଗ୍ରଗତି ନେଇ ବିଶଦ ସମୀକ୍ଷା କରିଛନ୍ତି। ବୌଦ୍ଧ ଜିଲ୍ଲା ତଥା କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସାମାଜିକ ତଥା ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ବର୍ଗଙ୍କ କଲ୍ୟାଣ ପାଇଁ ଉତ୍ତମ ମାନର ନିଃଶୁଳ୍କ ଶିକ୍ଷା ଉପଲବ୍ଧ କରାଇବା ପାଇଁ ଅଭିପ୍ରେତ ଏହି ପ୍ରୟାସ ନିଶ୍ଚିତ ରୂପେ ଅଞ୍ଚଳରେ ଶିକ୍ଷାର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଦୃଢ ଆଶାବ୍ୟକ୍ତ କରିଛନ୍ତି ମାନ୍ୟବର ସାଂସଦ ଡ.ସାମନ୍ତ।<br><br>ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ତଥା ବୁଦ୍ଧିଜୀବୀଗଣ ଉପସ୍ଥିତ ଥିବାବେଳେ ମାନ୍ୟବର ସାଂସଦ ଡ. ସାମନ୍ତଙ୍କ ଏହି ଅନନ୍ୟ ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ।<br>#SamantaForKandhamal | https://www.facebook.com/OfficeOfAchyutaSamanta/posts/pfbid02qrDQgkoXjFbv9MjyTuKdy8aKCrjkx2FpnEAt2qAmvtKDGdBqrAWEmoe5aWxbwk6pl |
| 81 | 05/28/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaikଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନ 'ମୋ ସରକାର' କାର୍ଯ୍ୟକ୍ରମକୁ ସଫଳତାର ଶିଖରରେ ପହଞ୍ଚାଇବା ଦିଗରେ ସକ୍ଷମ ହୋଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ସବିଶେଷ ସମୀକ୍ଷା କରିବାକୁ ଯାଇ ଏହାକୁ "ବିକାଶର ଏକ ନୂଆ ମଡେଲ୍" ବୋଲି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଜନସାଧାରଣଙ୍କୁ ସାମିଲ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗକୁ ପରାମର୍ଶ ଦେବା ସହିତ ସମସ୍ତ ସରକାରୀ କାର୍ଯ୍ୟକ୍ରମର ନିୟମିତ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।<br><br>'ମୋ ସରକାର' ଉପକ୍ରମରେ ଅର୍ଥ, ପୂର୍ତ୍ତ, ବାଣିଜ୍ୟ ଓ ପରିବହନ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ସାମିଲ ହୋଇଛି।<br><br>"ମୋ ସରକାର" ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ଆସ୍ଥା ସ୍ଥାପନ କରିବାରେ ସଫଳ ହେବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ସରକାର ଓ ସରକାରୀ ଅନୁଷ୍ଠାନ ମାନଙ୍କ ପ୍ରତି ସାଧାରଣ ଜନତାଙ୍କ ଦୃଷ୍ଟିଭଙ୍ଗୀରେ ବ୍ୟାପକ ପରିବର୍ତ୍ତନ ଆଣିବା ଦିଗରେ ସକ୍ଷମ ହୋଇଛି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, "ମୋ ସରକାର" ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶକୁ ପାଥେୟ କରି ନ୍ୟାୟଭିତ୍ତିକ, ସମତାପୂର୍ଣ୍ଣ ସମାଜ ଗଠନ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। | https://www.facebook.com/OfficeOfAchyutaSamanta/posts/pfbid02RNUzE5FNvf64QRjnLPFBRjWvHVjJ8kPnPFFinmWd4L4TgezPagjR5fCYzbmDVdi3l |

| | | | |
|---|---|---|---|
| | | #MoSarkar Mo Sarkar 5T<br>CMO Odisha | |
| 82 | 05/29/2022 | ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ ରାଜ୍ୟ ସରକାର ତଥା ପୋଲିସ ପ୍ରଶାସନ ସାଇବର ଅପରାଧ ଉପରେ ଅଙ୍କୁଶ ଲଗାଇବା ଦିଗରେ ବେଶ୍ ମାତ୍ରାରେ ସକ୍ଷମ ହୋଇପାରିଛନ୍ତି। ସାମ୍ପ୍ରତିକ ସମୟରେ ସାଇବର ଅପରାଧର ତୁରନ୍ତ ସମାଧାନ ସହିତ  ହ୍ୟାକରଙ୍କଠାରୁ ତଥ୍ୟର ସୁରକ୍ଷା ପାଇଁ 'ସାଇବର ସୁରକ୍ଷା ପରିଚାଳନା କେନ୍ଦ୍ର' କାର୍ଯ୍ୟକ୍ଷମ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଏହାର ଲୋକାର୍ପଣ କରିଛନ୍ତି। ଏଥିସହ  ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଓଡ଼ିଶା ନିଜର ସ୍ଥିତି ଆହୁରି ସୁଦୃଢ କରିଛି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ସାଇବର ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନକ୍ରମେ ରାଜ୍ୟ ସରକାରଙ୍କ ପଦକ୍ଷେପ ବାସ୍ତବିକ ଉଲ୍ଲେଖନୀୟ।<br><br>Electronics & Information Technology Department, Government of Odisha #5T<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid0hvYsvx2HexaJQiorKgZXy34UgxU4iwDdTzcak9mgg9CcUBfJRSoumXXqMYdfc9cul |
| 83 | 05/29/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କ ଦକ୍ଷ ନୀତି ଏବଂ ପ୍ରତ୍ୟେକ ସ୍ତରରେ ରାଜ୍ୟ ସରକାରଙ୍କ ଅଧିନରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ  ନିଷ୍ଠାପର କାର୍ଯ୍ୟ ଯୋଗୁଁ ମାତୃ ମୃତ୍ୟୁହାର ହ୍ରାସ କରିବାରେ ଓଡ଼ିଶାକୁ ଉଲ୍ଲେଖନୀୟ ସଫଳତା ମିଳିବା ସହ ଏହି କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରକୁ ଅତିକ୍ରମ କରିଛି। ଏସଆରଏସ ରିପୋର୍ଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୧୭-୧୯ ମଧ୍ୟରେ ରାଜ୍ୟରେ ମାତୃ ମୃତ୍ୟୁହାର ୧୪ ପଏଣ୍ଟ ହ୍ରାସ ପାଇଛି; ଯାହା ଜାତୀୟହାରଠୁ ବି ଅଧିକ।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅସାଧାରଣ ନେତୃତ୍ୱରେ ଓଡ଼ିଶା ସମଗ୍ର ଦେଶରେ ନିରାପଦ ମାତୃତ୍ୱ ଅଭିଯାନରେ ପଥ ପ୍ରଦର୍ଶକ ସାଜିଥିବା ବେଳେ  ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ ଦିଗରେ ଉଦାହରଣ ସୃଷ୍ଟି କରିଛି। ଏହି ସଫଳତା ପଛରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନନ୍ୟ ଦିଗଦର୍ଶନରେ ତୃଣମୂଳ ସ୍ତରରେ କାର୍ଯ୍ୟରତ ସ୍ବାସ୍ଥ୍ୟକର୍ମୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଭାଗର ପ୍ରତ୍ୟେକ କର୍ମଚାରୀ ଓ ଅଧିକାରୀଙ୍କ ନିଷ୍ଠାପର ଉଦ୍ୟମ ବେଶ୍ ପ୍ରଶଂସନୀୟ ବୋଲି ଅଭିହିତ କରିଛନ୍ତି ମାନ୍ୟବର ସାଂସଦ ଡ. ସାମନ୍ତ।<br><br>#OdishaCares<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02ngrLPiF2qSvgoR5nekJucQvzN2C6AR4UaqJpZyK8uztgNfRTSQfq8Wp6WkQYXAHBl |

| | | | |
|---|---|---|---|
| 84 | 05/30/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik 'ଭାରତ ଦର୍ଶନ' କାର୍ଯ୍ୟକ୍ରମରେ ଓଡ଼ିଶା ଆସିଥିବା ଆଇଏଏସ ଶିକ୍ଷାନବୀଶମାନଙ୍କୁ ସମ୍ବୋଧନ କରିବା ଅବସରରେ କର୍ମ କ୍ଷେତ୍ରରେ ଉତ୍କର୍ଷତା ହାସଲ କରି ଦେଶ ସେବା କରିବାକୁ ଆହ୍ୱାନ କରିଛନ୍ତି। ଏଥିସହ ରାଜ୍ୟ ବିକାଶରେ #5T ରୂପାନ୍ତରଣ କାର୍ଯ୍ୟକ୍ରମର ବଳିଷ୍ଠ ଭୂମିକା ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଅବସରରେ ଆଲୋକପାତ କରିଛନ୍ତି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନନ୍ୟ ନେତୃତ୍ୱରେ #5T ଉପକ୍ରମ ଯୋଗୁଁ ରାଜ୍ୟରେ ଘଟିଥିବା ଅଭୂତପୂର୍ବ ରୂପାନ୍ତରଣ ଆଗାମୀ ଦିନରେ ପ୍ରଶାସକ ମାନଙ୍କ ପାଇଁ ପଥପ୍ରଦର୍ଶକ ସାଜିବ।<br><br>CMO Odisha | https://www.facebook.com/OfficeOfAchyutaSamanta/posts/pfbid0oJ8LWPvQ8eE6UDF3uqZdYSuuEQLfiTs4XbJLKD1StDKKLuzZ6wufsizVrKSuksrTl |
| 85 | 05/31/2022 | ସାଧାରଣ ଜନତାଙ୍କ କଲ୍ୟାଣ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ତଥା ଦିଗଦର୍ଶନକ୍ରମେ ରାଜ୍ୟ ସରକାରଙ୍କ ସମୟୋଚିତ ପଦକ୍ଷେପ ଓ ଉତ୍ତମ ପରିଚାଳନା ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇ ପାରିଛି। #BSKY ଏବଂ #5T ରୂପାନ୍ତରଣ ଭଳି ଅନନ୍ୟ କାର୍ଯ୍ୟକ୍ରମ ଓଡ଼ିଶାକୁ ସମଗ୍ର ଦେଶରେ ଆଦର୍ଶ ରାଜ୍ୟ ରୂପେ ପ୍ରତିଷ୍ଠିତ କରିପାରିଛି।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ସାଧାରଣ ଜନତାଙ୍କ କଲ୍ୟାଣ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ବିଗତ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଧରି ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି।<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid0A44U1q23uqcQH1U8RpQUPhtwWqxF4PBimb2k2ocxbph85BhCs1F7Rs3KQz8jSSPMl |
| 86 | 05/31/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନରେ #5T ଅଧିନରେ ଶିକ୍ଷା କ୍ଷେତ୍ରରେ ଘଟିଥିବା ଅଭୂତପୂର୍ବ ରୂପାନ୍ତରଣ ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଛି।ମାନ୍ୟବର ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟରେ ରୂପାନ୍ତରିତ ହାଇସ୍କୁଲର ଲୋକାର୍ପଣ କରିବାକୁ ଯାଉଛନ୍ତି। ଏହି ପର୍ଯ୍ୟାୟରେ ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ମାଲକାନଗିରି ଓ ଖୋର୍ଦ୍ଧା ଜିଲ୍ଲାର ମୋଟ ୫୩୨ଟି ସ୍କୁଲ ରୂପାନ୍ତରିତ ହୋଇଛି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ #5T ଅଭିଯାନରେ ଓଡ଼ିଶା ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ଇତିହାସ ସୃଷ୍ଟି କରିଛି।<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02Xu1JTkoLVd3EE298sbjT8T69WV2mRhhCKnqPTbtewscPy31eaSJncdEoGddwxXXol |
| 87 | 06/01/22 | ଦେଶମାତୃକାର ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ଓଡ଼ିଶାର ଦୁଇ ବୀର ଶହୀଦ ଯବାନ ଦେବାଶିଷ ସେଠୀ ଓ ସୁଧୀର ଟୁଡୁଙ୍କୁ ମରଣୋତ୍ତର ଶୌର୍ଯ୍ୟଚକ୍ର ସମ୍ମାନରେ ସମ୍ମାନିତ କରାଯିବା ପ୍ରତିଟି ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ପ୍ରକାଶ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଏଥିସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, "ଦେଶର ସୁରକ୍ଷା ଓ ସେବା ପାଇଁ ଉଭୟଙ୍କ ବଳିଦାନ ସର୍ବଦା ସ୍ମରଣୀୟ ରହିବା ସହ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହେବ।"<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ନିଜ ଜୀବନକୁ ତୁଚ୍ଛ ମନେକରି ଦେଶ ପାଇଁ ଶହୀଦ ହୋଇଥିବା ଯବାନ ଦେବାଶିଷ ସେଠୀ ଓ ସୁଧୀର | https://www.facebook.com/OfficeOfAchyutaSamanta/posts/pfbid02HckoqVFTu3wABfG5t69YSNir37fFLaPHsC4yLS241RcTk3WP91JF5ELGX6cXDdwml |

| | | | |
|---|---|---|---|
| | | ଟୁଡୁଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସେମାନଙ୍କ ବଳିଦାନ ଆଗାମୀ ପୀଢ଼ିଙ୍କ ନିମନ୍ତେ ପ୍ରେରଣାର ଚିର ପ୍ରବାହମାନ ସ୍ରୋତ ହୋଇରହିବ ବୋଲି ଅଭିହିତ କରିଛନ୍ତି।<br>CMO Odisha | |
| 88 | 06/01/22 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik  ପ୍ରବାଦ ପୁରୁଷ ବିଜୁବାବୁଙ୍କ ଆଦର୍ଶକୁ ପାଥେୟ କରି ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱ ପ୍ରଦାନ କରିଆସିଛନ୍ତି। ଏହି କ୍ରମରେ ନିର୍ବାଚିତ ପଞ୍ଚାୟତିରାଜ ଜନପ୍ରତିନିଧିଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବାକୁ ଯାଉଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ.ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅସାଧାରଣ ନେତୃତ୍ୱରେ ରାଜ୍ୟର ବିକାଶ କ୍ଷେତ୍ରରେ ପଞ୍ଚାୟତିରାଜ ପ୍ରତିନିଧିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରଶିକ୍ଷଣ ଶିବିରଟି ନୂତନ ରୂପେ ନିର୍ବାଚିତ ପ୍ରତିନିଧି ମାନଙ୍କୁ ସାଧାରଣ ଜନତାଙ୍କ କଲ୍ୟାଣ ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରେରିତ କରିବ ବୋଲି ଅଭିହିତ କରିଛନ୍ତି  ମାନ୍ୟବର ସାଂସଦ ଡ. ସାମନ୍ତ।<br>Mo Sarkar 5T #MoSarkar #5T<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02NtmDtbf52h4xUkQtsbMM4D43ULXY44KVN34dLFLCoWShyzGCB7qh441H1NXSoWzxl |
| 89 | 06/02/22 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik #5T ଉପକ୍ରମ ଅଧିନରେ ଦ୍ୱିତୀୟ ପର୍ଯ୍ୟାୟରେ  ୫ଟି ଜିଲ୍ଲାର ୫୩୨ଟି ରୂପାନ୍ତରିତ ବିଦ୍ୟାଳୟର ଲୋକାର୍ପଣ କରିଛନ୍ତି।<br><br>ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବୌଦ୍ଧ ଜିଲ୍ଲାକୁ ଏହି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରିଥିବାରୁ ମାନ୍ୟବର  ମୁଖ୍ୟମନ୍ତ୍ରୀଙ୍କୁ ମାନ୍ୟବର ସାଂସଦ ଡ. ସାମନ୍ତ ବିନମ୍ର କୃତଜ୍ଞତା ଜଣାଇଛନ୍ତି। ଏଥିସହ ମାନ୍ୟବର ସାଂସଦ ଡ. ସାମନ୍ତ  ଉଲ୍ଲେଖ କରିଛନ୍ତି ଯେ, ଗୁଣାତ୍ମକ ଶିକ୍ଷାଦାନ ସହ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବା ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ବରେ #5T ଅଭିଯାନ ଇତିହାସ ସୃଷ୍ଟି କରିଛି।<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02DH8sHmypmwqcvxHqGggGmUgkz6tnaVDX9QGYhQQKGeJdF9m7XcefAbWDQoNV7sYfl |
| 90 | 06/02/22 | "ମହିଳାମାନେ ବହୁ ସଂଖ୍ୟାରେ ବିଜୟ ଲାଭ କରି ପଞ୍ଚାୟତର ମଙ୍ଗ ଧରିଥିବାରୁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ମହିଳା ସଶକ୍ତିକରଣର ସ୍ବପ୍ନ ସାକାର ହେଉଛି।" ରାଜ୍ୟର ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଉଦବୋଧନ ଦେବାକୁ ଯାଇ  ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।<br><br>ପଞ୍ଚାୟତ ହେଉଛି ସେବାର କେନ୍ଦ୍ର। ସାଧାରଣ ଲୋକ ଯେପରି ସରକାରୀ ସେବା ପାଇବାରୁ ବଞ୍ଚିତ କିମ୍ବା ହଇରାଣ ନ ହୁଏ ସେଥିପ୍ରତି ଧ୍ୟାନ ଦେବା ସହ ଗାଁର ସମସ୍ୟାକୁ ନିଜ ସମସ୍ୟା ଭାବେ ଗ୍ରହଣ କରି ଏହାର ସମାଧାନ ପାଇଁ ନିଷ୍ଠାପର ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।<br><br>#5T ମନ୍ତ୍ରକୁ ଗ୍ରାମ୍ୟ ବିକାଶର କେନ୍ଦ୍ରରେ ରଖିବାକୁ ପରାମର୍ଶ ଦେବା ସହ ଏହାଦ୍ବାରା ଗାଁ ତଥା ପଞ୍ଚାୟତର ରୂପାନ୍ତରଣ ସମାଜ ପାଇଁ ଆଦର୍ଶ ପ୍ରତିଷ୍ଠା କରିବ ବୋଲି ଅଭିହିତ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ। ସାଧାରଣ ଜନତାଙ୍କ ସୁଖଦୁଃଖରେ ସାମିଲ ହୋଇ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର, ମହିଳା ତଥା ସମାଜର ବଞ୍ଚିତ ବର୍ଗଙ୍କ କଲ୍ୟାଣ ପାଇଁ  ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବା ପାଇଁ ମାନ୍ୟବର ମୁଖମନ୍ତ୍ରୀ ଏହି ଅବସରରେ ଆହ୍ୱାନ କରିଛନ୍ତି।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ | https://www.facebook.com/OfficeOfAchyutaSamanta/posts/pfbid02x7EGZfBVUKCrNyBqzQYnrSdHEBYKkbeZpVXuE4LCGhMBvD6mhHSVuegd49FADfbrl |

| | | | |
|---|---|---|---|
| | | ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନନ୍ୟ ନେତୃତ୍ୱ ତଥା ନିରନ୍ତର ଦିଗଦର୍ଶନ ପଞ୍ଚାୟତିରାଜ ସଂସ୍ଥା ଗୁଡ଼ିକର ନିର୍ବାଚିତ ପ୍ରତିନିଧି ମାନଙ୍କୁ ସର୍ବଦା ପ୍ରେରିତ କରିଛି। ଆଗାମୀ ଦିନରେ ସେମାନଙ୍କ ସମ୍ମିଳିତ ପ୍ରୟାସ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବ ବୋଲି ଦୃଢ଼ ଆଶାବ୍ୟକ୍ତ କରିଛନ୍ତି ମାନ୍ୟବର ସାଂସଦ ଡ. ସାମନ୍ତ।<br>CMO Odisha | |
| 91 | 06/03/22 | ଶିକ୍ଷା କ୍ଷେତ୍ରରେ ରୂପାନ୍ତରଣ ଦିଗରେ #5T ଅଭିଯାନ ଅଧିନରେ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik କନ୍ଧମାଳ ସମେତ ଢେଙ୍କାନାଳ, ଗଞ୍ଜାମ, ନବରଙ୍ଗପୁର ଓ ଅନୁଗୋଳର ୫୩୧ଟି ରୂପାନ୍ତରିତ ବିଦ୍ୟାଳୟର ଲୋକାର୍ପଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମାନ୍ୟବର କନ୍ଧମାଳ ସାଂସଦ ଡ଼ ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜଣାଇବାକୁ ଯାଇ ପ୍ରକାଶ କରିଛନ୍ତି ଯେ, #5T ଅଭିଯାନ ସାରା ଦେଶ ପାଇଁ ପଥପ୍ରଦର୍ଶକ ସାଜିଛି। ବିଶେଷ କରି ଶିକ୍ଷା କ୍ଷେତ୍ରରେ ଯୁଗାନ୍ତକାରୀ ରୂପାନ୍ତରଣ #5T ଉପକ୍ରମର ଅନନ୍ୟ ଉପଲବ୍ଧି ବୋଲି ଉଲ୍ଲେଖ କରିଛନ୍ତି ମାନ୍ୟବର ସାଂସଦ ଡ଼ ସାମନ୍ତ।<br>#OdishaSchoolTransformation<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02w8z8z3rTX2mwDP2LgstGYG7yLDtrCzLsB4GKo3K1CoiCHVXy5qTxbT9Ka3naVQxbl |
| 92 | 06/04/22 | ଶିକ୍ଷା କ୍ଷେତ୍ରରେ #5T ଅଭିଯାନ ବିପ୍ଳବର ସୂତ୍ରପାତ କରିଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patn#5thbirthday #5T ଅଧୀନରେ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼, ନୂଆପଡ଼ା ଓ ଦେବଗଡ଼ର ୪୯୨ଟି ରୂପାନ୍ତରିତ ଉଚ୍ଚବିଦ୍ୟାଳୟର ଲୋକାର୍ପଣ କରିବାକୁ ଯାଉଛନ୍ତି।<br><br>ଏହି ସନ୍ଦର୍ଭରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ@Naveen_Odishaଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ମାନ୍ୟବର ସାଂସଦ ଡ଼ ଅଚ୍ୟୁତ ସାମନ୍ତ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନରେ ରାଜ୍ୟ ସରକାରଙ୍କ #5T ଉପକ୍ରମ ଗୁଣାତ୍ମକ ଶିକ୍ଷାଦାନ ସୁନିଶ୍ଚିତ କରିବା ଦିଗରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି।<br><br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02DiajUzqK5q36ssX6VFCoD3tL37feVuLKqXST3UHnFPofsd3xKNptxgLtsXnSbF4xl |
| 93 | 06/06/22 | ରାଜ୍ୟର ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାଦାନକୁ ସୁନିଶ୍ଚିତ କରିବା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ରାପଡ଼ା, କଟକ, କଳାହାଣ୍ଡି, ଝାରସୁଗୁଡ଼ା ଓ ବରଗଡ଼ର ଆଉ ୪୯୦ଟି #5T ରୂପାନ୍ତରିତ ସ୍କୁଲର ଲୋକାର୍ପଣ କରିବାକୁ ଯାଉଛନ୍ତି।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ.ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ଦ୍ୱିତୀୟ ପର୍ଯ୍ୟାୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହେବାକୁ ଯାଉଥିବା ବିଦ୍ୟାଳୟ ଗୁଡିକ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହ ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ଉଦାହରଣ ସୃଷ୍ଟି କରିବାକୁ ଯାଉଛି।<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02M4ihkaAok6gk6yPQhXH1qHSgAoSzuaBRwrnps93j7gjbv1enGS6GuZM8qvmSLZ79l |
| 94 | 06/07/22 | ଓଡ଼ିଶା ଗସ୍ତରେ ଆସିଥିବା ନେପାଳର ଏକ ଉଚ୍ଚସ୍ତରୀୟ ଷ୍ଟଡି ମିଶନ ଟିମ୍ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କ ବଳିଷ୍ଠ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାର ଉଚ୍ଚ ପ୍ରଶଂସା କରିଛନ୍ତି। #5T ଉପକ୍ରମ ଆଧାରରେ ଉତ୍ତମ ପରିଚାଳନା ଦ୍ୱାରା ଖାଦ୍ୟ ସୁରକ୍ଷା ଯୋଜନାର ମହତ ଉଦ୍ଦେଶ୍ୟ ସଫଳ ହୋଇପାରିଥିବା ବେଳେ ଯୋଜନା ଅଧିନରେ | https://www.facebook.com/OfficeOfAchyutaSamanta/posts/pfbid0b85oEuvLP6d7fXgTJ3UFhYaatdU3VJsbBtM3yMxAiV8cDwmENTRLmntcF3giTNEel |

| | | | |
|---|---|---|---|
| | | ହିତାଧିକାରୀମାନେ ବିଶେଷ ଭାବରେ ଉପକୃତ ହେଉଛନ୍ତି।<br><br>ଏହି ସନ୍ଦର୍ଭରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜଣାଇବାକୁ ଯାଇ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ଉଲ୍ଲେଖ କରିଛନ୍ତି ଯେ, ବିଗତ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନନ୍ୟ ଦିଗଦର୍ଶନ ଯୋଗୁଁ କ୍ଷୁଧାମୁକ୍ତି କ୍ଷେତ୍ରରେ ଓଡ଼ିଶାର ଅଭୂତପୂର୍ବ ଉପଲବ୍ଧି ସାରା ଦେଶରେ ଉଦାହରଣ ସୃଷ୍ଟି କରିଛି।<br>CMO Odisha | |
| 95 | 06/12/22 | ରାଜ୍ୟରେ ଶିକ୍ଷା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ #5T ଉପକ୍ରମ ଅଧୀନରେ ସ୍କୁଲ ରୂପାନ୍ତରଣର ଦ୍ୱିତୀୟ ପର୍ଯ୍ୟାୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ୫ଟି ଜିଲ୍ଲାର ୪୧୬ଟି ରୂପାନ୍ତରିତ ଉଚ୍ଚବିଦ୍ୟାଳୟ ଲୋକାର୍ପିତ କରିଛନ୍ତି। ଏଥିରେ ଯାଜପୁରର ୧୫୦ଟି, ବଲାଙ୍ଗିରର ୧୦୦ଟି, କୋରାପୁଟର ୯୫ଟି, ସମ୍ବଲପୁରର ୪୦ଟି ଓ ଗଜପତିର ୩୧ଟି ଉଚ୍ଚବିଦ୍ୟାଳୟ ରହିଛି। ଏହି ପରିପ୍ରେକ୍ଷୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ@Naveen_Odisha ପ୍ରକାଶ କରିଛନ୍ତି ଯେ, ଏହି ରୂପାନ୍ତରଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂଆ ଆଶା ଓ ସଂକଳ୍ପ ସୃଷ୍ଟି କରୁଛି। ଏଥିସହପୂର୍ବ ଅପେକ୍ଷା ଛାତ୍ରଛାତ୍ରୀମାନେ ଅଧିକ ଆତ୍ମବିଶ୍ବାସର ସହ ଆଗକୁ ବଢୁଛନ୍ତି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।<br><br>ଏହି ରୂପାନ୍ତରଣ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ନିର୍ଣ୍ଣାୟକ ସାବ୍ୟସ୍ତ ହେବାସହ ଗୁଣାତ୍ମକ ଶିକ୍ଷାଦାନକୁ ସୁନିଶ୍ଚିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ଉଲ୍ଲେଖ କରିଛନ୍ତି ମାନ୍ୟବର ସାଂସଦ ଡ଼ ଅଚ୍ୟୁତ ସାମନ୍ତ।<br>#OdishaSchoolTransformation<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid0GMaxpvUdKjuxGas5PsPi2yW3CbrmfMFMRK7YnFqSRj6zvvwscsnrXr5MB2DoMMutl |
| 96 | 06/12/22 | ରାଜ୍ୟରେ ଦ୍ରୁତ ଶିଳ୍ପାୟନ ସହ ଓଡ଼ିଶାକୁ ଦେଶର ଶିଳ୍ପ ହବରେ ପରିଣତ କରିବା ସହ ପାଇଁ ଏକକ ବାତାୟନ କମିଟି ବୈଠକରେ ₹୨,୦୮୨ କୋଟିର ୧୧ଟି ନୂଆ ଶିଳ୍ପ ପ୍ରକଳ୍ପ ଅନୁମୋଦିତ ହୋଇଛି। ଏହି ପ୍ରକଳ୍ପ ଗୁଡ଼ିକ ଦ୍ୱାରା ୩,୬୧୨ରୁ ଉର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ରାଜ୍ୟର ପ୍ରଗତିଧାରା ଆହୁରି ଦ୍ରୁତ ଗତିରେ ତ୍ୱରାନ୍ୱିତ ହେବ।<br><br>ଏହି ସନ୍ଦର୍ଭରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇବାକୁ ଯାଇ ମାନ୍ୟବର ସାଂସଦ ଡ଼ ଅଚ୍ୟୁତ ସାମନ୍ତ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅସାଧାରଣ ନେତୃତ୍ୱ ଶିଳ୍ପ କ୍ଷେତ୍ରରେ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟ ରୂପେ ପ୍ରତିଷ୍ଠିତ କରିବା ପାଇଁ ଯାଉଛି।<br>#MakeInOdisha | https://www.facebook.com/OfficeOfAchyutaSamanta/posts/pfbid0pWTXbgLAAVYEZjRNZKbJH43F3bmrXgD5hYP42fUszwDJRN6WMDCZNY53nkChkE7fl |
| 97 | 06/13/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ବର୍ଷ ୨୦୨୨ର ହଜ୍ ଯାତ୍ରୀଙ୍କ ସମ୍ବର୍ଦ୍ଧନା ଅବସରରେ  ସମସ୍ତଙ୍କୁ  ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କର ଆନନ୍ଦମୟ ଯାତ୍ରା କାମନା କରି ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଦଭାବ ହିଁ ଓଡ଼ିଶାକୁ ଦେଶରେ ଏକ ସ୍ୱତନ୍ତ୍ର ରାଜ୍ୟ ତଥା ଆଦର୍ଶ ରୂପେ ପ୍ରତିଷ୍ଠିତ କରିପାରିଛି ବୋଲି ଅଭିହିତ କରିଛନ୍ତି।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନନ୍ୟ ନେତୃତ୍ୱରେ ଓଡ଼ିଶା ସମଗ୍ର ବିଶ୍ୱକୁ ଶାନ୍ତି, ମୈତ୍ରୀ ଓ ସଦଭାବନାର ସନ୍ଦେଶ ଦେଇଆସିଛି।<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02oFPvU79sVLCgigMksSLQAHc8kuvQAr63Xovb2Fku3mZrinsUH2ayhRZNWMjHGCNsl |

| | | | |
|---|---|---|---|
| 98 | 06/13/2022 | ମହିଳା ଓ ଶିଶୁଙ୍କ କଲ୍ୟାଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। 'ମମତା', 'ଇ-କଳିକା', 'ମୋ ଛତୁଆ' ଆପ ସହ 'ମୋ-ଶିଶୁ' ଓ 'ଇ-ମାନଦେୟ' ୱେବପୋର୍ଟାଲ ଅନଲାଇନ ସୁବିଧା ଦ୍ୱାରା ମହିଳା ଓ ଶିଶୁମାନଙ୍କ ପାଇଁ ଉନ୍ନତ ସେବା ସୁନିଶ୍ଚିତ ହେଉଛି। #5T ଉପକ୍ରମ ଅଧିନରେ ଏହି ସମସ୍ତ ଅନଲାଇନ ବ୍ୟବସ୍ଥା ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ଦିଗରେ ବଳିଷ୍ଠ ଭୂମିକା ନିର୍ବାହ କରୁଛି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ ଦିଗରେ ସମଗ୍ର ଦେଶରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅସାଧାରଣ ନେତୃତ୍ୱରେ ଓଡ଼ିଶା ଉଦାହରଣ ସୃଷ୍ଟି କରିଛି।<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02XFDg1dfKH4k4ZAHVxxxztZg6wvuDrVRbUoYyogKn3N77sBwtfdFpGr3nLRTLGTsYl |
| 99 | 06/14/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ମାନ୍ୟବର ସାଂସଦ ତଥା କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରଚେଷ୍ଟା ତଥା ପ୍ରତ୍ୟକ୍ଷ ଦିଗଦର୍ଶନରେ ବାଲେଶ୍ୱର ଜିଲ୍ଲାରେ ଇମାମୀ ଓ କଳିଙ୍ଗ ଇନ୍ଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସ ପକ୍ଷରୁ ନିର୍ମିତ ବିଦ୍ୟାଳୟକୁ ଉଦ୍ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏହିଭଳି ଏକ ମହତ ପ୍ରୟାସର ପ୍ରଶଂସା କରିବାକୁ ଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ସମାଜର ବଞ୍ଚିତ ବର୍ଗର ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଇଁ ନିର୍ମିତ ଏହି ବିଦ୍ୟାଳୟ  ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ସରକାରଙ୍କ ଉଦ୍ୟମକୁ ଆହୁରି ଶକ୍ତିଶାଳୀ କରିବ।<br><br>ଏଥିସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି ଯେ, ଶିକ୍ଷା ହିଁ ରୂପାନ୍ତରର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ। ଶିକ୍ଷା ହିଁ ଜୀବନରେ ସବୁଠାରୁ ବଡ ପରିବର୍ତ୍ତନ ଆଣିଥାଏ। ଏହି ବିଦ୍ୟାଳୟରେ ସାମାଜିକ ତଥା ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ୧୨୦୦ ଛାତ୍ରଛାତ୍ରୀଙ୍କ ପାଇଁ ନିଃଶୁଳ୍କ ଅଧ୍ୟୟନର ବ୍ୟବସ୍ଥା ହୋଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି।<br><br>ଏହି ଅବସରରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, "କିସ୍" ବିଗତ ତିନି ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳଧରି  ସମାଜର ବଞ୍ଚିତ ବର୍ଗଙ୍କ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ରହିଆସିଛି ଏବଂ ଆଗାମୀ ଦିନରେ ମଧ୍ୟ ରାଜ୍ୟର କୋଣ ଅନୁକୋଣରେ ସାମାଜିକ ତଥା ଆର୍ଥିକ ଦୃଷ୍ଟିରୁ ବଞ୍ଚିତ ବର୍ଗର ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ନିମନ୍ତେ ଶିକ୍ଷାର ପ୍ରସାର ପାଇଁ ପ୍ରୟାସ ଜାରି ରହିବ।<br><br>CMO Odisha | https://www.facebook.com/OfficeOfAchyutaSamanta/posts/pfbid0n7eoVKhi3dR6zZEMiR3WkdJFUvNbbJ6ay2N5FA28uCopS9vcZH9zy7B1fcmFnEQGl |
| 100 | 06/18/2022 | ଜନଜାତି ସମୁଦାୟଙ୍କ କଲ୍ଯାଣ ନିମନ୍ତେ ଦୀର୍ଘ ତିନି ଦଶନ୍ଧି ଧରି ସମର୍ପିତ ମାନ୍ୟବର ସାଂସଦ ଡ଼ ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନକ୍ରମେ "କିଟ" ବିଶ୍ବବିଦ୍ୟାଳୟର ସମ୍ପୂର୍ଣ୍ଣ ଆର୍ଥିକ ସହଯୋଗରେ ବିଶ୍ୱର ସର୍ବବୃହତ ଶିକ୍ଷାନୁଷ୍ଠାନ "କିସ"ର ଶାଖା କଳାହାଣ୍ଡି ଜିଲ୍ଲାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ସମଗ୍ର ରାଜ୍ୟରେ ଜନଜାତି ସମୁଦାୟର ବଞ୍ଚିତ ବର୍ଗର ଛାତ୍ରଛାତ୍ରୀ ମାନଙ୍କ କଲ୍ଯାଣ ନିମନ୍ତେ "କିସ" ପକ୍ଷରୁ କରାଯାଉଥିବା ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ। ଏଥିସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, #5T ଉପକ୍ରମ ଅଧିନରେ କଳାହାଣ୍ଡି ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ୧୨୯ଟି ବିଦ୍ୟାଳୟ ରୂପାନ୍ତରିତ ହେବା ସହ ସମଗ୍ର ରାଜ୍ୟରେ ଗୁଣାତ୍ମକ ଶିକ୍ଷାଦାନ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ସରକାରଙ୍କ ପ୍ରୟାସ ଜାରି ରହିଛି। | https://www.facebook.com/OfficeOfAchyutaSamanta/posts/pfbid0N8eFGi1BZSHfu5dQghazosW1f3TGe7JQNNn9zwEgLbk3uL45HfxvTZTMRgoufy4cl |

| | | | |
|---|---|---|---|
| | | ଏହି ଅବସରରେ ମାନ୍ୟବର ସାଂସଦ ଡ଼ ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜଣାଇବାକୁ ଯାଇ ପ୍ରକାଶ କରିଥିଲେ ଯେ , ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ଏହି ବିଦ୍ୟାଳୟ ସମାଜର ବଞ୍ଚିତ ତଥା ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଶ୍ରେଣୀର ୧୨୦୦ ଛାତ୍ରଛାତ୍ରୀଙ୍କ ନିମନ୍ତେ ସିବିଏସଇ ପାଠ୍ୟକ୍ରମ ଅଧିନରେ ଉତ୍ତମ ମାନର ଗୁଣାତ୍ମକ ଶିକ୍ଷାଦାନ ସୁନିଶ୍ଚିତ କରିବା ସହ ଅତ୍ୟନ୍ତ ଉଚ୍ଚମାନର ସୁବିଧା ଉପଲବ୍ଧ କରାଇବା ପାଇଁ କଳାହାଣ୍ଡିବାସୀଙ୍କ ଉଦ୍ଦେଶ୍ୟରେ ସମର୍ପିତ।<br>CMO Odisha | |
| 101 | 06/18/2022 | "ପ୍ରତ୍ଯେକ ଜୀବନ ମୂଲ୍ଯବାନ"। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କ ଏହି ଉକ୍ତିକୁ ପାଥେୟ କରି ରାଜ୍ୟ ସରକାର ବିପର୍ଯ୍ୟୟ ପରିଚାଳନାରେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି।ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ ଅଧକ୍ଷତା କରି ସମ୍ଭାବ୍ୟ ବିପର୍ଯ୍ୟୟ ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ରାଜ୍ୟ ସରକାରଙ୍କ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ । ବିଶେଷତଃ ପ୍ରତ୍ୟେକ ବର୍ଷର ଜୁନରୁ ଅକ୍ଟୋବର ମାସ ଓଡ଼ିଶା ପାଇଁ ଅତି ଗୁରୁତ୍ବପୂର୍ଣ୍ଣ ହୋଇଥିବାରୁ ଏହା ଉପରେ ନଜର ରଖିବାକୁ ସେ ଉଲ୍ଲେଖ କରିଛନ୍ତି। ଏଥିସହ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗୁଆ ବିପର୍ଯ୍ୟୟ ସୂଚନା, ଉଦ୍ଧାର, ରିଲିଫ କାର୍ଯ୍ୟ, ପାନୀୟ ଜଳ, ସ୍ବାସ୍ଥ୍ୟ ଓ ପ୍ରାଣୀସେବା ବ୍ୟବସ୍ଥା ଆଦିକୁ ପ୍ରସ୍ତୁତ ରଖିବା ସହ ବିପର୍ଯ୍ୟୟ ପ୍ରବଣ ଓ ଦୁର୍ଗମ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟପଦାର୍ଥ ମହଜୁଦ ରଖିବା ଉପରେ ବୈଠକରେ ସେ ଗୁରୁତ୍ଵ ଦେଇଛନ୍ତି।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ଼ ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇବାକୁ ଯାଇ ଅଭିହିତ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ବରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଛି।<br>#OdishaCares<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid0VL3WMJbonh2rCcGsK7am6KJ1bn3pzfSvLfTB7ayEXKqszx5C3hXDdYFjX6ya9fvBl |
| 102 | 06/18/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik  ଙ୍କ ଅଧକ୍ଷତାରେ ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା ପ୍ରସ୍ତୁତି ପାଇଁ ସ୍ବତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିବା ସହ  ଶାନ୍ତିଶୃଙ୍ଖଳା ସହିତ ମହାପ୍ରଭୁଙ୍କ ରଥଯାତ୍ରା ଯଥାବିଧି ସୁରୁଖୁରୁରେ ଅନୁଷ୍ଠିତ ହେବା ଉପରେ ଗୁରୁତ୍ୱାରୋପ କରିଛନ୍ତି।<br><br>ଦୀର୍ଘ ଦୁଇ ବର୍ଷ ପରେ ଭକ୍ତମାନଙ୍କ ଗହଣରେ ରଥଯାତ୍ରା ଅନୁଷ୍ଠିତ ହେଉଥିବାରୁ ସନ୍ତୋଷ ପ୍ରକାଶ କରିବା   ସହ ଚଳିତ ବର୍ଷ ଅସଂଖ୍ୟ  ଭକ୍ତଙ୍କ ସମାଗମର ବେଶ୍ ସମ୍ଭାବନା ଥିବାରୁ ସମସ୍ତ ପ୍ରକାରର  ପୂର୍ବ ପ୍ରସ୍ତୁତି କରିବା ପାଇଁ ପରାମର୍ଶ ଦେଇଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ।<br><br>ଏହି ସନ୍ଦର୍ଭରେ ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରାର ସଠିକ୍ ପରିଚାଳନା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସବିଶେଷ ସମୀକ୍ଷା ପାଇଁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ଉଲ୍ଲେଖ କରିଛନ୍ତି ଯେ, ସାଢ଼େ ଚାରିକୋଟି ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ବ ପ୍ରସିଦ୍ଧ ଘୋଷଯାତ୍ରା ସେହି ବିଶ୍ୱନିୟନ୍ତାଙ୍କ  ଦିବ୍ୟକୃପାରୁ ଆବହମାନ କାଳରୁ ସୁରୁଖୁରୁରେ ସମ୍ପନ୍ନ ହୋଇଆସିଛି। ଚଳିତ ବର୍ଷ ମଧ ମହାପ୍ରଭୁଙ୍କ ଆଶୀର୍ବାଦ ବଳରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ବ ତଥା ପ୍ରଶାସନର ସୁପରିଚଳନା ଫଳରେ ବିଶ୍ୱର ଅଗଣିତ ଜଗନ୍ନାଥପ୍ରେମୀଙ୍କ ଶ୍ରଦ୍ଧାର ଆଧାର " ରଥଯାତ୍ରା" ସଫଳତାର ସହ ସମ୍ପନ୍ନ ହେବ।<br>#RathaJatra2022<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02noBibU1xgXoN8rf8pxqaqVVK8Zd2yCi1tyqRHsTEt24HZJUnLCcCpfzUCeeNHbYEl |

| | | | |
|---|---|---|---|
| 103 | 06/20/2022 | ଓଡ଼ିଶାର ଖାଦ୍ୟ ସୁରକ୍ଷା ଓ ବିପର୍ଯ୍ୟୟ ପରିଚାଳନା ମୁକାବିଲା ରଣନୀତି ନେଇ ରୋମସ୍ଥିତ ୱାର୍ଲଡ ଫୁଡ ପ୍ରୋଗ୍ରାମର ମୁଖ୍ୟାଳୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କ ସମ୍ବୋଧନ ଯଥେଷ୍ଟ ଗୁରୁତ୍ୱ ବହନ କରିବାକୁ ଯାଉଛି। ଖାଦ୍ୟ ସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ଉପଲବ୍ଧିକୁ ବିଶ୍ବସ୍ତରରେ ପ୍ରତିପାଦିତ କରିବା ସହ  ଓଡ଼ିଶା ପାଇଁ ଏହା ଏକ ନୂତନ ପରିଚୟ ସୃଷ୍ଟି କରିବ।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ,ଜଣେ ଦୂରଦୃଷ୍ଟିସମ୍ପନ୍ନ ରାଷ୍ଟ୍ରନୀତିଜ୍ଞ ରୂପେ କ୍ଷୁଧାମୁକ୍ତି କ୍ଷେତ୍ରରେ ଅଭୂତପୂର୍ବ ସଫଳତା ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅସାଧାରଣ ନେତୃତ୍ୱ ପାଇଁ ଓଡ଼ିଶା ସମଗ୍ର ବିଶ୍ୱରେ ଆଜି ଗର୍ବିତ।<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid03hNFfd2ujXDPcxTUiJRbyYBLBaHyLTjUPiAKDce2KBdYWDY9eK9gQmWPwW5oWu9rl |
| 104 | 06/20/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନରେ ସାଧାରଣ ଜନତାଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ସହ ବହୁମୂଲ୍ୟ ଜୀବନ ବଞ୍ଚାଇବା ଦିଗରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି #BijuSwasthyaKalyanYojana। ଏହି ଯୋଜନା ଅଧିନରେ କଟକଠାରୁ ଆରମ୍ଭ କରି କୋରାପୁଟ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଜିଲ୍ଲାର ଅଗଣିତ ଜନସାଧାରଣ ଉପକୃତ ହେଉଛନ୍ତି।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଅଭିହିତ କରିଛନ୍ତି ଯେ, ସ୍ବାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ରୂପାନ୍ତରଣ ଦିଗରେ "ବିଜୁ ସ୍ବାସ୍ଥ୍ୟ କଲ୍ୟାଣ ଯୋଜନା" ବାସ୍ତବିକ ଏକ ଯୁଗାନ୍ତକାରୀ ପଦକ୍ଷେପ।<br><br>#SusthaOdisha #BSKY<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02pXz9VHzqjHY4G57nmGRzoQRzKD1oi7XZfza8rUGqCDbVgnCyKvSbDpbQYtTwHVqol |
| 105 | 06/22/2022 | ସମଗ୍ର ବିଶ୍ୱକୁ ଶାନ୍ତି, ମୈତ୍ରୀ ଓ ଅହିଂସାର ସନ୍ଦେଶ ଦେବାକୁ ଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ରୋମ୍ ଗସ୍ତ ଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ  ବାପୁଙ୍କ ସ୍ମୃତିଚାରଣ କରିଛନ୍ତି। ଏଥିସହ ତାଙ୍କରି ଅମୂଲ୍ୟ ଆଦର୍ଶ ଏବଂ ଅମଳିନ ସିଦ୍ଧାନ୍ତ ଦ୍ୱାରା ସର୍ବଦା ଅନୁପ୍ରାଣିତ ହୋଇ ଆସିଛନ୍ତି ବୋଲି ଏହି ପରିପ୍ରେକ୍ଷୀରେ ଉଲ୍ଲେଖ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଅଭିହିତ କରିଛନ୍ତି ଯେ, ଆଜି ସମଗ୍ର ବିଶ୍ବକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମହାତ୍ମାଙ୍କ ମହାନ ଦର୍ଶନରେ ଅଭିମନ୍ତ୍ରିତ କରିଛନ୍ତି।<br>#CMinRome<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02de6a1tjx2A6HqAY6qiwbmkLSvHDPhgHp1GgoUdrEMdH6PwBM9TtAznAJgE1jD6ozl |
| 106 | 06/22/2022 | ରୋମ ଗସ୍ତ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଭାଟିକାନ ସିଟିରେ ଧର୍ମଗୁରୁ #PopeFrancis ଙ୍କୁ ସାକ୍ଷାତ କରିବା ପରିପ୍ରେକ୍ଷୀରେ ଉପହାର ସ୍ୱରୂପ ଓଡ଼ିଶାର ପଟ୍ଟଚିତ୍ର ପ୍ରଦାନ କରିଛନ୍ତି।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ରୋମ ଗସ୍ତ ଅବସରରେ ପୋପଙ୍କ ସହିତ  ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ ତଥା ଏହି ଅବସରରେ ଉପହାର ସ୍ୱରୂପ ମହାନ ଉତ୍କଳୀୟ ସଂସ୍କୃତିର ଅନନ୍ୟ ପ୍ରତିଫଳନ ପଟ୍ଟଚିତ୍ର ପ୍ରଦାନ  ବାସ୍ତବିକ ପ୍ରତ୍ୟେକ ଓଡିଆଙ୍କୁ ଗର୍ବିତ କରିବା ସହ ବିଶ୍ୱ | https://www.facebook.com/OfficeOfAchyutaSamanta/posts/pfbid03A2LoTRbJ2APTDfQH4GuSfrsm4utKBxbSAfovQwZ46Sn7fDUgqzCyweTjhgv7iGfl |

| | | | |
|---|---|---|---|
| | | ଦରବାରରେ ଓଡ଼ିଆ ସଂସ୍କୃତିର ପରିଚୟ ଆହୁରି ଋଦ୍ଧିମନ୍ତ ହୋଇଛି।<br><br>#CMinRome<br>CMO Odisha | |
| 107 | 06/23/2022 | ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ଗଠିତ "ସ୍ୱୟଂସିଦ୍ଧା" ଓଡ଼ିଶା ଭଳି ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟରେ  ସୁରକ୍ଷା କବଚ ସାଜିଛି। ବିପର୍ଯ୍ୟୟ ପରିଚାଳନା ତାଲିମ ପ୍ରଦାନ ପୂର୍ବକ ମହିଳାମାନଙ୍କୁ ଆହୁରି ସଶକ୍ତ, ସଂଗଠିତ ଓ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ତୃଣମୂଳ ସ୍ତରରେ ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ସଫଳତାର ସହ କାର୍ଯ୍ୟକାରୀ କରାଯାଇପାରିବ।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅସାଧାରଣ ନେତୃତ୍ୱରେ ଆଜି "ମିଶନ ଶକ୍ତି" ମାଧ୍ୟମରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ସମଗ୍ର ଦେଶ ପାଇଁ ଓଡ଼ିଶା ଅଭୂତପୂର୍ବ ଉଦାହରଣ ସୃଷ୍ଟି କରିଥିବା ବେଳେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କ ପାଇଁ "ସ୍ୱୟଂସିଦ୍ଧା" ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରି କାର୍ଯ୍ୟ କରିବା ଦିଗରେ ସୁଯୋଗ ସୃଷ୍ଟି କରିବା ବାସ୍ତବିକ ଉଲ୍ଲେଖନୀୟ।<br><br>CMO Odisha<br>Mission Shakti Odisha | https://www.facebook.com/OfficeOfAchyutaSamanta/posts/pfbid02UnhY1v6Kv8vAdt5VUVH5Rv2qhEu1uPRe9qevM6RMiQVwvxv9dmg2gF6JPcbE6pMil |
| 108 | 06/24/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ରୋମ୍ ଗସ୍ତ ଅବସରରେ ପ୍ରବାସୀ ଓଡ଼ିଆମାନଙ୍କୁ ସାକ୍ଷାତ କରିବା ସହ ରାଜ୍ୟର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ଆହ୍ବାନ କରିଛନ୍ତି। ବ୍ରିଟେନରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ନେଇ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇବା ପରିପ୍ରେକ୍ଷୀରେ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଯୋଗୁଁ  ଆଜି ଆନ୍ତର୍ଜାତିକ ସ୍ତରରେ ଓଡ଼ିଶାର ଏକ ସ୍ବତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଛି।<br><br>#CMinRome<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid0giSMc585UmQ2wjsNYe9Fcc2iCu3oJmFKn7kszVaivkH1yy1za87oV9uHpqgAXCPJl |
| 109 | 06/25/2022 | ରୋମସ୍ଥିତ United Nations World Food Programme ର ମୁଖ୍ୟାଳୟରୁ ଆଜି ସମଗ୍ର ବିଶ୍ୱକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ବିକାଶର ବାର୍ତ୍ତା ଦେଇଛନ୍ତି। ଏହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନା ଓ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ନେଇ ଓଡ଼ିଶାର ଅଭୂତପୂର୍ବ ଉପଲବ୍ଧି ସମ୍ବନ୍ଧରେ ବିଶ୍ୱ ସମୁଦାୟକୁ ଅବଗତ କରାଇଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ।<br><br>ମିଳିତ ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ପରିଚାଳନା ନିର୍ଦ୍ଦେଶକ David Beasley ଗତ ଦୁଇ ଦଶନ୍ଧି ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ଏବଂ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଓଡ଼ିଶାର ଅତୁଳନୀୟ ସଫଳତାର ଅବତାରଣା କରିବାକୁ ଯାଇ ଆଗାମୀ ଦିନରେ ଆନ୍ତର୍ଜାତିକ ସ୍ତରରେ ଓଡ଼ିଶାର ଏହି ସଫଳ ଉପଲବ୍ଧିକୁ ଆଧାର କରି ପ୍ରକଳ୍ପ ସମୂହ କାର୍ଯ୍ୟକାରୀ କରାଯିବ ବୋଲି ଅଭିହିତ କରିଛନ୍ତି। ଏଥିସହ | https://www.facebook.com/OfficeOfAchyutaSamanta/posts/pfbid0WBWtm7ViLmn5zuEnYy4Lctg7CVFM9yc72dSEmkXgKyry4zGrmjY7Dm4i7711BBmQl |

| | | | |
|---|---|---|---|
| | | ସାଧାରଣ  ଜନତାଙ୍କ ସୁବିଧା ଓ ସୁରକ୍ଷାକୁ ପ୍ରାଥମିକତା ଦେଇ  ଓଡ଼ିଶା ଉଦାହରଣ ସୃଷ୍ଟି କରିଥିବା ବେଳେ ରାଜ୍ୟର ଏହି ସଫଳତାକୁ ଅନୁକରଣ କରିବା ପାଇଁ ବିଶ୍ବ ଖାଦ୍ୟ କାର୍ଯ୍ୟକ୍ରମ ଅନ୍ୟ ଦେଶକୁ ପରାମର୍ଶ ଦେଇଛି।<br><br>ଏହି ମୁହୂର୍ତ୍ତକୁ ଏକ ଐତିହାସିକ କ୍ଷଣ ରୂପେ ଉଲ୍ଲେଖ କରିବାକୁ ଯାଇ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ପ୍ରକାଶ କରିଛନ୍ତି ଯେ, ବିଗତ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ବ କାଳ ଧରି କ୍ଷୁଧାମୁକ୍ତି ତଥା ବିଶ୍ୱସ୍ତରୀୟ  ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅସାଧାରଣ ନେତୃତ୍ୱରେ ଏହିଭଳି  ସଫଳତା ବାସ୍ତବିକ ଉଲ୍ଲେଖନୀୟ।<br><br>#CMinRome<br>CMO Odisha | |
| 110 | 06/26/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଓଡ଼ିଶାକୁ ଏକ ପ୍ରମୁଖ ଶିଳ୍ପ ହବ୍ ରୂପେ ରୂପାନ୍ତରିତ କରିବା ଲକ୍ଷ୍ୟ ନେଇ ଦୁବାଇ ଗସ୍ତ ଅବସରରେ ‘ଓଡ଼ିଶା ଇନଭେଷ୍ଟର୍ସ ମିଟ’  କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଯାଉଛନ୍ତି।<br><br>ଶିଳ୍ପ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି  ହେବାକୁ ଯାଉଥିବା ବେଳେ ମାନ୍ୟବର ସାଂସଦ ଡ. ଅଚ୍ୟୁତ  ସାମନ୍ତ ଏହି ସନ୍ଦର୍ଭରେ ଉଲ୍ଲେଖ କରିଛନ୍ତି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରୟାସ  ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ।  #OdishaLeads<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02rjeqRSvUqAuHoVT1Z6BwtqRt14t1mdTgaYvpw5nNP8dJRsMe8RAy3BjFMVWPc3Gol |
| 111 | 06/27/2022 | ଉତ୍ସର୍ଗୀକୃତ ତ୍ୟାଗ ତଥା ନିସ୍ୱାର୍ଥପର ସେବା ମନୋଭାବର ପରିଚୟ ପ୍ରଦାନ ପୂର୍ବକ ବାରିପଦାସ୍ଥିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜରେ ଆଶା କର୍ମୀ ଧାନୀ ମୁର୍ମୁ ଜଣେ ପ୍ରସୂତୀଙ୍କ ଜୀବନ ରକ୍ଷା ପାଇଁ ସ୍ବେଚ୍ଛାକୃତ ଭାବେ ରକ୍ତଦାନ କରିବା ସହ ଚିକିତ୍ସା ପାଇଁ ଡାକ୍ତରଖାନାରେ ଉତ୍ତମ ବନ୍ଦୋବସ୍ତ କରିବା ନିଶ୍ଚିତ ରୂପେ ଉଲ୍ଲେଖନୀୟ।<br><br>ଏହି ସନ୍ଦର୍ଭରେ ଆଶା କର୍ମୀ  ଧାନୀ ମୁର୍ମୁଙ୍କ ଅତୁଳନୀୟ କର୍ତ୍ତବ୍ୟପରାୟଣତାର ଅବତାରଣା କରିବାକୁ ଯାଇ ତାଙ୍କଭଳି ତୃଣମୂଳ ସ୍ତରରେ ମାନବ ସେବା ପ୍ରତି ସମର୍ପିତ ବ୍ୟକ୍ତିମାନଙ୍କ ପ୍ରୟାସର ପ୍ରଶଂସା କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik  କ୍ରମାଗତ ଭାବେ ସେମାନଙ୍କ ମନୋବଳ ବୃଦ୍ଧି କରୁଥିବାରୁ ମାନ୍ୟବର ସାଂସଦ ଡ଼ ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ ସାଧୁବାଦ ଜଣାଇଛନ୍ତି।<br>#OdishaCares<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid0vKbAKKCS3MkqCzyQmk5ALKyJqVZgebBYHpQfysp58KytE4aADdy2JBLafMvRQM3Hl |
| 112 | 06/27/2022 | ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନରେ “ମିଶନ ଶକ୍ତି” ଏକ ନୀରବ ସାମାଜିକ ବିପ୍ଳବର ରୂପ ନେଇଛି। ରାଜ୍ୟର ମହିଳା ମାନଙ୍କ ଆର୍ଥିକ ତଥା ସାମାଜିକ ସଶକ୍ତିକରଣ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ନିର୍ଣ୍ଣାୟକ ସାଜିଥିବାବେଳେ ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ଣ୍ଣାଙ୍ଗ ବଜେଟରେ 'ମିଶନ ଶକ୍ତି' ପାଇଁ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା ସମ୍ପର୍କିତ ନିଷ୍ପତ୍ତି ମହିଳାଙ୍କ ସଶକ୍ତିକରଣର ଏହି ଧାରାକୁ ଆହୁରି ଗତିଶୀଳ କରିବାକୁ ଯାଉଛି । ଏଥିସହ ସମଗ୍ର ଦେଶରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶାର ଏହି ପଦକ୍ଷେପ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ସାଜିବ।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ଼ ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜଣାଇବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, “ମିଶନ ଶକ୍ତି” ଆଜି ମହିଳା ସଶକ୍ତିକରଣ କ୍ଷେତ୍ରରେ ସାରା ଦେଶ ପାଇଁ ଆଲୋକବର୍ତ୍ତିକା ସାଜିଛି। ଏଥିସହ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା ଭଳି ଅନନ୍ୟ ପଦକ୍ଷେପ ତଥା ବିଭିନ୍ନ ବିଭାଗ | https://www.facebook.com/OfficeOfAchyutaSamanta/posts/pfbid02EMVgsVw8sbGcHGfY5HPqqPD8huELbSKzjvDkqEHtKvjbRihRbT7cJ6CeJvhPGYk2l |

| | | | |
|---|---|---|---|
| | | ମଧ୍ୟରେ ଅପୂର୍ବ ସମନ୍ବୟ "ମିଶନ ଶକ୍ତି"କୁ ଆଗାମୀ ଦିନରେ ଆହୁରି ସୁଦୃଢ କରିବ ବୋଲି ପ୍ରକାଶ କରିଛନ୍ତି ମାନ୍ୟବର ସାଂସଦ ଡ଼ ସାମନ୍ତ।<br><br>Mission Shakti Odisha<br>CMO Odisha | |
| 113 | 06/28/2022 | ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କ ବଳିଷ୍ଠ ନେତୃତ୍ୱରେ ଓଡ଼ିଶାର ଶୃଙ୍ଖଳିତ ବିତ୍ତୀୟ ପରିଚାଳନା ସମଗ୍ର ଦେଶ ପାଇଁ ଉଦାହରଣ ସୃଷ୍ଟି କରିଛି। ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବାରେ ଏହା ନିର୍ଣ୍ଣାୟକ ସାଜିଥିବା ବେଳେ ଭାରତୀୟ ରିଜର୍ଭ ବ୍ଯାଙ୍କ ପକ୍ଷରୁ ପ୍ରକାଶିତ 'ଷ୍ଟେଟ୍ ଫିନାନ୍ସ - ଏ ରିସ୍କ ଆନାଲିସିସ୍' ରିପୋର୍ଟ ଆନୁଯାୟୀ ଓଡ଼ିଶାର ଜିଏସଡିପି ତୁଳନାରେ ବିତ୍ତୀୟ ନିଅଣ୍ଟ ହାର ଅନ୍ୟ ପ୍ରମୁଖ ରାଜ୍ୟଗୁଡ଼ିକ ଅପେକ୍ଷା ଉତ୍ତମ ରହିଛି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ଼ ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର ସାଧୁବାଦ ଜଣାଇବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ବିଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅସାଧାରଣ ନେତୃତ୍ୱରେ ଓଡ଼ିଶାର ଅର୍ଥନୀତି ବେଶ ସୁଦୃଢ ହୋଇଥିବାବେଳେ ତାଙ୍କରି ବଳିଷ୍ଠ ଦିଗଦର୍ଶନରେ ଶୃଙ୍ଖଳିତ ବିତ୍ତୀୟ ପରିଚାଳନା ଅନ୍ୟ ରାଜ୍ୟ ମାନଙ୍କ ପାଇଁ ଉଦାହରଣ ସାଜିଛି।<br><br>#OdishaLeads<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid0253Ln5sNjKVYxuDdFVefqNoqAQA6acmC2fQpqYPbJAPZ8VNP1KF9qGYY8V5AZoqeal |
| 114 | 06/28/2022 | ଦୁବାଇ ଗସ୍ତ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik 'ଓଡ଼ିଶା ନିବେଶକ ସମ୍ମେଳନ'ରେ ଯୋଗଦାନ କରିବାକୁ ଯାଉଛନ୍ତି। ମଧ୍ୟପ୍ରାଚ୍ୟ ରାଷ୍ଟ୍ର ମାନଙ୍କ ସହ ଓଡ଼ିଶାର ଦୀର୍ଘମିଆଦୀ ସାମାଜିକ ଓ ଅର୍ଥନୈତିକ ସମ୍ପର୍କକୁ ଏହି ସମ୍ମିଳନୀ ଆହୁରି ସୁଦୃଢ଼ କରିବାକୁ ଯାଉଥିବାବେଳେ ନିବେଶ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହେବାକୁ ଯାଉଛି।<br><br>ଏହି ପରିପ୍ରେକ୍ଷୀରେ ମାନ୍ୟବର ସାଂସଦ ଡ଼ ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇବାକୁ ଯାଇ ଅଭିହିତ କରିଛନ୍ତି ଯେ, ଏହି ସମ୍ମିଳନୀ ଆଗାମୀ ଦିନ ମାନଙ୍କରେ ଓଡ଼ିଶା ମାଟିରେ ବ୍ୟାପକ ନିବେଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଯଥେଷ୍ଟ ଗୁରୁତ୍ୱ ବହନ କରିବାକୁ ଯାଉଛି।<br><br>#InvestInOdisha<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid02zuBsGDTGF14pqr2RHysnTbN6hJqUHoqPCKt6kNSJzZ85T6C5gTPxMURmueQoQf6el |
| 115 | 06/28/2022 | ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଦୁବାଇ ଗସ୍ତ ଅବସରରେ ବିଶ୍ୱ ପ୍ରସିଦ୍ଧ ଶେଖ ଜାୟେଦ ମସଜିଦ ପରିଦର୍ଶନ ସହ ମୋଗଲ ଐତିହ୍ୟ ଦ୍ୱାରା ଅନୁପ୍ରାଣିତ ତଥା ଭାରତର ରାଜସ୍ଥାନରୁ ଆସିଥିବା ମାର୍ବଲ ବ୍ଯବହାର କରାଯାଇ ନିର୍ମିତ ହୋଇଥିବା ଏହି ଅନୁପମ କୃତିର ଭୂୟସୀ ପ୍ରଶଂସା କରିଛନ୍ତି। ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ବିଶ୍ୱର କୋଣ ଅନୁକୋଣରେ ଥିବା ପ୍ରସିଦ୍ଧ କୀର୍ତ୍ତିରାଜି ଭାରତୀୟ ସଂସ୍କୃତି ଓ ଐତିହ୍ୟର ଉଜ୍ଜ୍ୱଳ ସ୍ୱାକ୍ଷର ବହନ କରିଥାଏ।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ଭାରତୀୟ ସଂସ୍କୃତି ଓ ଐତିହ୍ୟ ପ୍ରତି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅସୀମ ଶ୍ରଦ୍ଧା ବାସ୍ତବିକ ଅତୁଳନୀୟ।<br>#NaveeninDubai<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid0ANdH6HKjjZhEaUYTczbKy728jmTKWWPYFsjYRovwkALFJoYwnubrKQ2qoMiXMnokl |

| | | | |
|---|---|---|---|
| 116 | 06/29/2022 | ଦୁବାଇରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik ଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନରେ ଆୟୋଜିତ #OdishaInvestorsMeet ରେ ରାଜ୍ୟକୁ ଅଭୂତପୂର୍ବ ସଫଳତା ମିଳିଛି।<br><br>ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ନିବେଶକଙ୍କ ପକ୍ଷରୁ ପ୍ରାୟ ୨୧,୦୦୦ କୋଟିରୁ ଉର୍ଦ୍ଧ୍ବ ପୁଞ୍ଜି ନିବେଶ ହେବାକୁ ଯାଉଥିବାବେଳେ ପ୍ରାୟ ୨୦,୦୦୦ରୁ ଉର୍ଦ୍ଧ୍ବ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାକୁ ଯାଉଛି।<br><br>ଏହି ସନ୍ଦର୍ଭରେ ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ, ବିଗତ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ବ କାଳ ଧରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ ଶିଳ୍ପ ଅନୁକୂଳ ବାତାବରଣ ସୃଷ୍ଟି ହେବା ସହ  ଆଜି ଓଡିଶା ସମଗ୍ର ବିଶ୍ୱରେ ନିବେଶକଙ୍କ ଶ୍ରେଷ୍ଠ ପସନ୍ଦ ପାଲଟିଛି।ଏଥିସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ଐତିହାସିକ ବିଦେଶ ଗସ୍ତ ଓଡ଼ିଶା ପାଇଁ ଅନନ୍ୟ ସମ୍ଭାବନା ଓ ଉପଲବ୍ଧିର ସମ୍ଭାର ନେଇଆସିଛି ବୋଲି ଉଲ୍ଲେଖ କରିଛନ୍ତି ମାନ୍ୟବର ସାଂସଦ ଡ ସାମନ୍ତ।<br><br>CMO Odisha<br>#MakeInOdishaDubai | https://www.facebook.com/OfficeOfAchyutaSamanta/posts/pfbid0TZVjLEYXtXHTQ4ZY3Ur84qzJ1hAXQXJDzE3BnbPy3QmdjDL3CcNe7hPqbi51oZ87l |
| 117 | 04/02/22 | ସାଢ଼େ ଚାରିକୋଟି ଓଡିଆଙ୍କ ଆରାଧ୍ୟ ହେଉଛନ୍ତି  ମହାପ୍ରଭୁ ଶ୍ରୀ ଜଗନ୍ନାଥ। ଉତ୍କଳ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ Naveen Patnaik କଳାଭୂମି ପରିସରରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଗ୍ୟାଲେରୀର ଶୁଭାରମ୍ଭ କରିଛନ୍ତି। ଏହି ଗ୍ୟାଲେରୀରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦୁର୍ଲଭ ବେଶ ସ୍ଥାନିତ ହୋଇଥିବା ବେଳେ  ବିଶ୍ୱର ପ୍ରତ୍ୟେକ ଜଗନ୍ନାଥ ପ୍ରେମୀଙ୍କ ପାଇଁ ଉତ୍କଳ ଦିବସର ପବିତ୍ର ଅବସରରେ ଏହା ଏକ ଅନନ୍ୟ ଉପହାର ବୋଲି  କହିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ।<br><br>ମାନ୍ୟବର ସାଂସଦ ଡ. ଅଚ୍ୟୁତ ସାମନ୍ତ ଓଡ଼ିଆ ଜାତିର ଆରାଧ୍ୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତି ଭକ୍ତିସୁମନ ଅର୍ପଣ କରିବାକୁ ଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଏହି ଗ୍ୟାଲେରୀଟି ଆଗାମୀ ଦିନରେ ଶ୍ରୀ ଜଗନ୍ନାଥ ସଂସ୍କୃତିକୁ ଆହୁରି ପରିବ୍ୟାପ୍ତ କରିବା ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଅଭିହିତ କରିଛନ୍ତି ।<br>CMO Odisha | https://www.facebook.com/OfficeOfAchyutaSamanta/posts/pfbid028hko5HyUqbU9UqVDs27XhEj9k7xBy7vRj4RUrawoe2KwfsHb2ynvtwzMBds1y7yrl |

**www.achyutasamanta.com**

Follow:

/AchyutaSamanta

/OfficeOfAchyutaSamanta

/Achyuta_Samanta

/MPKandhamal